ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

visit us at
www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.22 . No.206, Bhubaneswar Monday, September 23, 2019 | ୨୨ତମ ବର୍ଷ ସଂଖ୍ୟା–୨୦୬ ଭୁବନେଶ୍ୱର ସୋମବାର, ସେପ୍ଟେମ୍ବର ୨୩, ୨୦୧୯ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹ 1.50 (Air Surcharge - 0.50P) Member-INS

ହଷ୍ଟନରେ ଭାରତୀୟ ବଂଶଭବଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି

ନୂତନ ନିଯୁକ୍ତି ପାଇଥିବା ପରାମର୍ଶଦାତା ମାନେ କୌଣସି ପାରିଶ୍ରମିକ ନେବେ ନାହିଁ

ଭୁବନେଶ୍ୱର, (ପିଏନ୍)- ନିକଟ ଅତୀତରେ ବିଭିନ୍ନ ସରକାରୀ ବିଭାଗ ପାଇଁ ନିଯୁକ୍ତି ପାଇଥିବା ପରାମର୍ଶଦାତା ମାନେ କୌଣସି ପାରିଶ୍ରମିକ ନେବେ ନାହିଁ । ଏ ସମ୍ପର୍କରେ ସେମାନେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଚିଠି ଲେଖି ଜଣାଇଛନ୍ତି । ଅନ୍ୟପକ୍ଷରେ ସେମାନଙ୍କ ନିଯୁକ୍ତି ପାଇଁ ମୁଖ୍ୟମନ୍ତ୍ରୀଙ୍କ ଠାରେ ନିଜ ନିଜର କୃତଜ୍ଞତା ଜଣାଇଛନ୍ତି । ରାଜ୍ୟବାସୀଙ୍କୁ ସେବା ଯୋଗାଇଦେବା ଲକ୍ଷ୍ୟ ନେଇ ସେମାନେ ଏଭଳି ନିଷ୍ପତି ନେଇଛନ୍ତି ବୋଲି ଚିଠିରେ ଉଲ୍ଲେଖ କରିଛନ୍ତି ।

ଭୀମସାର ନିର୍ଦ୍ଦେଶକ ପଦବୀ ଖୁବ୍ ଶୀଘ୍ର ପୂରଣ କରାଯିବ- ସ୍ୱାସ୍ଥ୍ୟ ମନ୍ତ୍ରୀ

ଭୁବନେଶ୍ୱର,(ପିଏନ)- ଖାଲି ପଡିଥିବା ବୀର ସୁରନ୍ଦ୍ରସାଏ ମେଡିକାଲ କଲେଜ (ଭୀମସାର)ର ନିର୍ଦ୍ଦେଶକ ପଦବୀ ଖୁବ୍ ଶୀଘ୍ର ପୂରଣ କରାଯିବ ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଶ୍ରୀ ନବକିଶୋର ଦାସ ପ୍ରକାଶ କରିଛନ୍ତି । ସେ କହିଛନ୍ତି ଯେ, ଏହି ନିଯୁକ୍ତି ପାଇଁ ପୂର୍ବରୁ ଦୁଇ ଥର ବିଜ୍ଞାପନ ପ୍ରକାଶ ପାଇଥିଲା । ମାତ୍ର, ଏଥିପାଇଁ କେହି ଆବେଦନ କରିନଥିଲେ । ତୃତୀୟ ଥର ପାଇଁ ଏଥି ନିମନ୍ତେ ବିଜ୍ଞାପନ ପ୍ରକାଶ କରାଯିବ ଏବଂ ଡ଼ିସେମ୍ବର ସୁଦ୍ଧା ଯୋଗ୍ୟ ବିବେଚିତ ପ୍ରାର୍ଥୀଙ୍କୁ ସ୍ଥାୟୀ ନିଯୁକ୍ତି ଦିଆଯିବ ବୋଲି ମନ୍ତ୍ରୀ ଜଣାଇଛନ୍ତି ।

ଲିଙ୍ଗରାଜ ମହାପ୍ରଭୁଙ୍କୁ ଦର୍ଶନ କଲେ ନବନିଯୁକ୍ତ ଆନ୍ଧ୍ର ରାଜ୍ୟପାଳ

ଭୁବନେଶ୍ୱର, ୨୨ ସେପ୍ଟେମ୍ବର - ଓଡ଼ିଶା ଗସ୍ତରେ ଆସିଥିବା ଆନ୍ଧ୍ରପ୍ରଦେଶର ନବନିଯୁକ୍ତ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ ଗତକାଲି ପୁରୀ ଯାଇ ଶ୍ରୀଜୀଉମାନଙ୍କ ଦର୍ଶନ କରିବା ସହ ଆଶିର୍ବାଦ ନେଇଥିଲେ । ଆଜି ସକାଳେ ଲିଙ୍ଗରାଜ ମହାପ୍ରଭୁଙ୍କୁ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରିଥିଲେ । ଏହା ପରେ ରାଜଧାନୀର ବିଭିନ୍ନ ସ୍ଥାନରେ ରହିଥିବା ଓଡ଼ିଶାର ବରପୁତ୍ର ମାନଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପଗୁଚ୍ଛ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ ।

ବିଜେପୁର ଉପନିର୍ବାଚନ ପାଇଁ ଦଳୀୟ ପ୍ରାର୍ଥୀ ଚୂଡ଼ାନ୍ତ ଲାଗି ଆଜି ନବୀନ ନିବାସରେ ବୈଠକ

ଭୁବନେଶ୍ୱର, (ପିଏନ)- ଅକ୍ଟୋବର ୨୧ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ବିଜେପୁର ଉପନିର୍ବାଚନ ପାଇଁ ଦଳୀୟ ପ୍ରାର୍ଥୀ ଚୂଡ଼ାନ୍ତ ଲାଗି ଆସନ୍ତା କାଲି ନବୀନ ନିବାସ ଠାରେ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହେବାକୁ ଯାଉଛି । ଏଥିରେ ବିଜେପୁର ପାଇଁ ଗଠିତ ହୋଇଥିବା କମିଟିର ସଦସ୍ୟ ମାନେ ଉପସ୍ଥିତ ରହିବେ ବୋଲି ଦଳୀୟ ସୂତ୍ରରୁ ସୂଚନା ମିଳିଛି । ଏହି ସୂତ୍ରରୁ ପ୍ରକାଶ ଯେ, ଦଳୀୟ ପ୍ରାର୍ଥୀ ନେଇ ସଂଗୃହିତ ରିପୋର୍ଟକୁ ଦଳର ସୁପ୍ରିମୋ ନବୀନଙ୍କୁ ପ୍ରଦାନ କରାଯିବ ଏବଂ ତାହା ଉପରେ ଆଲୋଚନା କରାଯିବ। ଏଥି ସହିତ ବୈଠକରେ ନିର୍ବାଚନ ପ୍ରସ୍ତୁତି ନେଇ ରଣନୀତି ଚୂଡ଼ାନ୍ତ ହେବ । ଏହି ଉପନିର୍ବାଚନରେ ବନ୍ଧୁତ୍ୱପୂର୍ଣ୍ଣ ଲଢ଼େଇ ହେବାର ପ୍ରଶ୍ନ ଉଠୁ ନାହିଁ କିମ୍ବା କୌଣସି ଦଳ ସହିତ ବୁଝାମଣା ହେବାର ପ୍ରଶ୍ନ ଉଠୁନାହିଁ । ଜୋରଦାର୍ ଲଢ଼େଇ ହେବ । ଏଥି ନିମନ୍ତେ ଦୁଇ ଦିନ ମଧ୍ୟରେ ଦଳୀୟ ପ୍ରାର୍ଥୀ ଘୋଷଣା କରାଯାଇପାରେ ।

ଯୁବକଙ୍କ ଗଳିତ ମୃତଦେହ ଉଦ୍ଧାର

ଭୁବନେଶ୍ୱର, (ପିଏନ)- ଭୁବନେଶ୍ୱର ଉପକଣ୍ଠସ୍ଥ ଖୋର୍ଦ୍ଧା ଜିଲ୍ଲା ବାଲିଅନ୍ତା ଥାନା ଅନ୍ତର୍ଗତ କୁଆଖାଇ ନଦୀର ବାଙ୍କୁଆଳ ବ୍ରିଜ୍ ତଳୁ ଆଜି ସକାଳେ ଜଣେ ଯୁବକଙ୍କ ଗଳିତ ମୃତଦେହକୁ ପୋଲିସ ଉଦ୍ଧାର କରିଛି । ତେବେ ତାଙ୍କ ପରିଚୟ ମିଳିନଥିବା ବେଳେ ମୃତ୍ୟୁର କାରଣ ମଧ୍ୟ ସ୍ପଷ୍ଟ ହୋଇନାହିଁ । ମୃତଦେହଟି ଫୁଲି ଯାଇଥିବାରୁ କିଛି ଦିନ ତଳେ ତାଙ୍କର ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଉଛି ।

ନକ୍ସଲ-ପୋଲିସ ଗୁଳି ବିନିମୟ : ୫ ନକ୍ସଲ ନିହତ

ବିଶାଖାପାଟଣା,(ପିଏନ)-ଓଡ଼ିଶା-ଆନ୍ଧ୍ରପ୍ରଦେଶ ସୀମାନ୍ତ ବିଶାଖାପାଟଣା ଜିଲ୍ଲା ମାଦିଗମଲ୍ଲୁ ଜଙ୍ଗଲରେ ଆଜି ସକାଳେ ପୋଲିସ ଓ ନକ୍ସଲଙ୍କ ମଧ୍ୟରେ ଗୁଳି ବିନିମୟ ବେଳେ ଘଟଣାସ୍ଥଳରେ ୫ ଜଣ ନକ୍ସଲ ନିହତ ହୋଇଛନ୍ତି । ଜଙ୍ଗଲରେ ଏକ ନକ୍ସଲ କ୍ୟାମ୍ପ ଚାଲିଥିବା ସୂଚନା ପାଇ ଆନ୍ଧ୍ର ଗ୍ରେହାଉଣ୍ଡସ୍ ର ଯବାନ ମାନେ କୁମ୍ବିଂ ଅପରେସନରେ ଘଟଣାସ୍ଥଳ ଅଭିମୁଖେ ବାହାରିଥିଲେ । ଜଙ୍ଗଲ ରାସ୍ତାରେ ଉଭୟଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା । ଦୀର୍ଘ ସମୟ ଧରି ଉଭୟଙ୍କ ମଧ୍ୟରେ ଗୁଳି ବିନିମୟ ଜାରୀ ରହିଥିଲା । ଏହାର ସୁଯୋଗ ନେଇ ଅନ୍ୟ କେତେକ ନକ୍ସଲ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିଲେ । ପୋଲିସ ଘଟଣାସ୍ଥଳରୁ ନକ୍ସଲ ମାନେ ବ୍ୟବହାର କରୁଥିବା ରାଇଫଲ୍, ବିପୁଳ ପରିମାଣର ବିସ୍ଫୋରକ ସାମଗ୍ରୀ ଓ ଅନ୍ୟାନ୍ୟ ବ୍ୟବହୃତ ସାମଗ୍ରୀ ଜବତ କରିଛି । ଅନ୍ୟପକ୍ଷରେ ପୋଲିସ-ନକ୍ସଲଙ୍କ ମଧ୍ୟରେ ଏହି ସଂଘର୍ଷ ବେଳେ ଜଣେ ନକ୍ସଲ ନେତା ପ୍ରାଣ ହରାଇଥିବା ନେଇ ଏକ ବିଶେଷ ସୂତ୍ରରୁ ସୂଚନା ମିଳିଥିଲେ ସୁଦ୍ଧା ପୋଲିସ ଏନେଇ କିଛି ସ୍ପଷ୍ଟ କରିନାହିଁ । ଘଟଣା ପରେ ଯବାନ ମାନଙ୍କ ପକ୍ଷରୁ ସେଠାରେ ସର୍ଚ୍ଚ ଅପରେସନକୁ ଜୋରଦାର୍ କରାଯାଇଛି ।

ଡ୍ରଗ୍ସ ମାଫିଆ ସେକ୍ ରାଜା ଘରେ ଏସଟିଏଫର ଚଢ଼ଉ

ବାଲେଶ୍ୱର,(ପିଏନ) କୁଖ୍ୟାତ ଡ୍ରଗ୍ସ ମାଫିଆ ସେକ୍ ରାଜାର ବାଲେଶ୍ୱର ଅରଡ଼ବଜାର ଗଳାପୋଲ ସ୍ଥିତ ଘରେ ଆଜି ସକାଳେ କ୍ରାଇମବ୍ରାଂଚ ସ୍ପେଶାଲ ଟାସ୍କ ଫୋର୍ସ (ଏସଟିଏଫ) ପକ୍ଷରୁ ଚଢ଼ଉ କରାଯାଇଛି । ଏସଟିଏଫର ଜଣେ ଆଡ଼ିସିନାଲ ଏସପି, ଦୁଇ ଜଣ ସବଇନ୍ସପେକ୍ଟର ଓ ଅନ୍ୟ ଅଧିକାରୀଙ୍କୁ ନେଇ ଗଠିତ ଏକ ୫ ଜଣିଆ ଟିମ୍ ଏହି ଚଢ଼ଉରେ ସାମିଲ୍ ଥିଲେ । ଅଧିକାରୀ ମାନେ ତା'ର ପରିବାର ଲୋକଙ୍କୁ ଏ ସମ୍ପର୍କରେ ପଚରା ଉଚୁରା କରିଥିଲେ । ପତ୍ନୀ ପ୍ରିୟା ବିବି, ଶାଶୁ ଓ ତାଙ୍କ ଝିଆରୀ ନିକଟରୁ ରାଜାର ବ୍ୟବସାୟିକ ଲିଙ୍କ୍ ନେଇ ତଥ୍ୟ ସଂଗ୍ରହ କରିଥିଲେ । ଆବଶ୍ୟକୀୟ କାଗଜପତ୍ର ଯାଂଚ୍ କରିଥିଲେ । ସେକ୍ ରାଜାର ଡ୍ରଗ୍ସ କାରବାର ସମ୍ପର୍କରେ ଅଧିକ ତଥ୍ୟ ହାସଲ କରିବା ପାଇଁ ଏହି ଟିମ୍ ଖୋଳତାଡ଼ ଜାରୀ ରଖିଛି । ପ୍ରକାଶ ଥାଉ କି, ରାଜା ସହିତ ଲିଙ୍କ୍ ଅଭିଯୋଗରେ ସହଦେବଖୁଂଟା ଥାନା ବିଚାରଗଞ୍ଜ ଫାଣ୍ଡିର ହାବିଲଦାର ରଞ୍ଜନ ସାହୁଙ୍କୁ ଗତକାଲି ଏସଟିଏଫ ଗିରଫ କରିବା ସହ ରିମାଣ୍ଡରେ ନେଇଛି ।

୫ ମାସ ଧରି ମହିଳା କନଷ୍ଟେବଳ ଅସଦାଚରଣର ଶିକାର ଅଭିଯୋଗ : ଥାନାରେ ଏତଲା

ରାଉରକେଲା,(ପିଏନ): ୫ ମାସ ଧରି ରାଉରକେଲା ଅବକାରୀ ବିଭାଗର ଜଣେ ମହିଳା କନଷ୍ଟେବଳ ଅସଦ ଆଚରଣର ଶୀକାର ହେଉଥିଲେ ବି ସେ ଅଭିଯୋଗ କରିବା ସତ୍ତ୍ୱେ ଉପରିସ୍ଥ ଅଧିକାରୀ ନୀରବ ରହି ଅଭିଯୁକ୍ତଙ୍କୁ ସୁରକ୍ଷା ଦେବାରୁ ମହିଳା କନଷ୍ଟେବଳ ଜଣକ ଆଜି ରାଉରକେଲା ମହିଳାଥାନାର ଦ୍ୱାରସ୍ଥ ହୋଇଛନ୍ତି ।

ଏହି ଘଟଣା ରାଉରକେଲା ଅବକାରୀ ଅଫିସର । ଅଭିଯୋଗ ମୁତାବକ, ସେଠାରେ କାମ କରୁଥିବା ସୂର୍ଯ୍ୟନାରାୟଣ ରଥ ନାମକ ସବଇନ୍ସପେକ୍ଟର ଏହି ମହିଳା କନଷ୍ଟେବଳଙ୍କୁ ଏକାକୀ ପାଇ ବିଭିନ୍ନ ସମୟରେ ତାଙ୍କ ଶରୀରର ବିଭିନ୍ନ ସମ୍ବେଦନଶୀଳ ସ୍ଥାନରେ ହାତ ମାରିବା ସହ ନାନା ପ୍ରକାର ଅଶ୍ଳିଳ କଥା କହି ନିଜ ମତଲବ ପୂରଣ ଲାଗି ଚେଷ୍ଟା କରିଚାଲିଥିଲେ । ଏନେଇ ସେ ନିଜ ସାଙ୍ଗ, ପରିବାର ଲୋକଙ୍କୁ ଜଣାଇବା ପରେ ସେମାନଙ୍କ ପରାମର୍ଶ କ୍ରମେ ଏ ବିଷୟରେ ସେ ବିଭାଗୀୟ ସୁପରିଟେଣ୍ଡେଣ୍ଟଙ୍କୁ ଅଭିଯୋଗ କରିଥିଲେ । ହେଲେ ତାଙ୍କ ଠାରୁ ମଧ୍ୟ କିଛି ନ୍ୟାୟ ମିଳିଲା ନାହିଁ । ବରଂ ଅଭିଯୁକ୍ତର ଶାରିରୀକ ଓ ମାନସିକ ନିର୍ଯାତନା ତାଙ୍କ ପାଇଁ ଅସହ୍ୟ ହୋଇପଡିଲା । ଶେଷରେ ଏପରି ଅବସ୍ଥା ହେଲା ଯେ ସେ କାର୍ଯ୍ୟାଳୟରେ ମଧ୍ୟ ନିଜକୁ ସୁରକ୍ଷିତ ମଣୁନାହାଁନ୍ତି । ନ୍ୟାୟ ପାଇବା ଆଶାରେ ଆଜି ସେ ଏ ବିଷୟରେ ମହିଳା ଥାନାରେ ଏତଲା ଦେଇଛନ୍ତି ।

ଆନ୍ଧ୍ର ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନଙ୍କୁ ନାଗରିକ ସମ୍ବର୍ଦ୍ଧନା

ଭୁବନେଶ୍ୱର, (ପିଏନ)- ପାଇକ ବିଦ୍ରୋହର ଦୁଇ ଶତ ବାର୍ଷିକ ପାଳନ କରିବା ଅବସରରେ ଓଡିଆ ଜାତୀୟତା ବାଦକୁ ସବୁଠୁ ବିଶ୍ୱାସ କରୁଥିବା ବ୍ୟକ୍ତି ବିଶ୍ୱଭୂଷଣ ହରିଚନ୍ଦନଙ୍କୁ ରାଜ୍ୟପାଳ ଦାୟିତ୍ୱ ଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡିଆ ଜାତିକୁ ବଡ ସମ୍ମାନ ଦେଇଛନ୍ତି ବୋଲି ରବିବାର ଭୁବନେଶ୍ୱର ଠାରେ ଓଡିଶାହ ବରିଷ୍ଠ ରାଜନେତା ତଥା ଆନ୍ଧ୍ର ପ୍ରଦେଶର ନବ ନିଯୁକ୍ତ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନଙ୍କୁ ନାଗରିକ ସମ୍ବର୍ଦ୍ଧନା ଦିଆଯିବା କାର୍ଯ୍ୟକ୍ରମରେ ଯୋଗଦେଇ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ହରିଚନ୍ଦନଙ୍କୁ ଆନ୍ଧ୍ର ରାଜ୍ୟପାଳ ଦାୟିତ୍ୱ ଦେଇଥିବାରୁ ଶ୍ରୀ ପ୍ରଧାନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କୁ କୃତଜ୍ଞତା ଜଣାଇଛନ୍ତି ।

କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ଯେ ଓଡିଆ ସମାଜିକ ଜୀବନରୁ ଆସିଥିବା ବିଶ୍ୱଭୂଷଣ ବାବୁ ରାଜ୍ୟପାଳ ଭୂମିକାରେ ଯେଉଁ ଉଚ୍ଚ ମୂଲ୍ୟବୋଧ ତିଆରି କରିବେ ସେହି ମୂଲ୍ୟବୋଧ ନିଶ୍ଚିତ ଭାବେ ଲମ୍ବା ସମୟ ଧରି ରାଜ୍ୟପାଳ ମାନଙ୍କର ମାନକ ହେବ । ଓଡିଆ ଭାଷା, ସାହିତ୍ୟ ଓ ସ୍ୱାଭିମାନ ପାଇଁ ତାଙ୍କର କାର୍ଯ୍ୟ ଆମ ସମସ୍ତଙ୍କ ପାଇଁ ପ୍ରେରଣା ବୋଲି ଶ୍ରୀ ପ୍ରଧାନ କହିଛନ୍ତି ।

ଶ୍ରୀ ପ୍ରଧାନ କହିଛନ୍ତି ଯେ ବିଶ୍ୱଭୂଷଣ ହରିଚନ୍ଦନ ଆନ୍ଧ୍ରପ୍ରଦେଶ ଭଳି ରାଜ୍ୟର ରାଜ୍ୟପାଳ ହେବା ଓଡିଆ ଲୋକଙ୍କ ପାଇଁ ଗୌରବର ବିଷୟ । ଆନ୍ଧ୍ରପ୍ରଦେଶର ରାଜ୍ୟପାଳ ଭାବରେ ଶ୍ରୀ ହରିଚନ୍ଦନଙ୍କ ଉପସ୍ଥିତି ଓଡିଆ ସମାଜକୁ ଜାତୀୟ ସ୍ତରରେ ବଡ କରିବ । ଆନ୍ଧ୍ରପ୍ରଦେଶର ମୁଖ୍ୟମନ୍ତ୍ରୀ ଶ୍ରୀ ହରିଚନ୍ଦନଙ୍କୁ କେବଳ ଜଣେ ବ୍ୟକ୍ତିତ୍ୱ ଭାବେ ନୁହେଁ ପିତୃତୁଲ୍ୟ ଓ ଅଭିଭାବକ ଭାବରେ ଗ୍ରହଣ କରିଛନ୍ତି ।

ଓଡିଆ ସାମାଜିକ ଓ ରାଜନୈତିକ ଜୀବନର ଅନେକ ଲୋକଙ୍କୁ ଲମ୍ବା ସମୟ ଧରି ପ୍ରେରଣା ଦେଉଥିବା ବ୍ୟକ୍ତିତ୍ୱ ହେଲେ ବିଶ୍ୱଭୂଷଣ ହରିଚନ୍ଦନ । ଓଡିଆ ସାମାଜିକ ଜୀବନରେ ବିଶ୍ୱଭୂଷଣଙ୍କ ପରି ବହୁତ କ୍ୱଚିତ ଲୋକ ଦେଖିବାକୁ ମିଳନ୍ତି । ସଂପ୍ରତି ସାମାଜିକ ଜୀବନରେ ନିଜର ଦୃଢମନା ଓ ସ୍ପଷ୍ଟତା ପାଇଁ ଶ୍ରୀ ହରିଚନ୍ଦନଙ୍କୁ ସଫଳତା ମିଳିପାରିଛି ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ।

ଓଡ଼ିଶାବାସୀ ବାଛିବେ ମୋର ଉତରାଧିକାରୀ : ନବୀନ

ଭୁବନେଶ୍ୱର, (ପିଏନ)- ମୁଁ ଏବଂ ପ୍ରଧାନମନ୍ତ୍ରୀ ଗଠନମୂଳକ ସହଯୋଗରେ ବିଶ୍ୱାସ କରୁ । ରାଜ୍ୟର ବିକାଶ ଆମେ କରି ଚାଲିଛୁ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରକାଶ କରିଛନ୍ତି । ସ୍ଥାନୀୟ ଏକ ତାରକା ହୋଟେଲରେ ଦି ନିଉ ଇଣ୍ଡିଆନ ଏକ୍ସପ୍ରେସ ପକ୍ଷରୁ ଆୟୋଜିତ ଲିଟେରାରୀ ଫେଷ୍ଟିଭାଲ (ସାହିତ୍ୟ ଉତ୍ସବ) - ୨୦୧୯ରେ ଦେଇଥିବା ଅଭିଭାଷଣରେ ମୁଖ୍ୟମନ୍ତ୍ରୀ ଏହା ପ୍ରକାଶ କରିଛନ୍ତି । ନିର୍ବାଚନ ପୂର୍ବରୁ ପ୍ରଧାନ ମନ୍ତ୍ରୀଙ୍କ ସହିତ କୌଣସି ତିକ୍ତତା ନ ଥିଲା, ଏବେ ବି ନାହିଁ । ସକରାତ୍ମକ ସହଯୋଗ ରହିଛି । ସମ୍ପୃକ୍ତ ସମ୍ବାଦପତ୍ରର ଏଡିଟୋରିଆଲ ଡାଇରେକ୍ଟର ପ୍ରଭୁ ଚାଓ୍ୱଲାଙ୍କ ସହିତ ହୋଇଥିବା ଆଲୋଚନାରେ ମୁଖ୍ୟମନ୍ତ୍ରୀ ତାଙ୍କର କେତେକ ପ୍ରଶ୍ନର ଉତର ଦେଇ କହିଥିଲେ ଯେ, ରାଜନୀତିରୁ ଅବସର

ନେଲା ପରେ ସେ ସାହିତ୍ୟ କ୍ଷେତ୍ରରେ ପ୍ରବେଶ କରିବେ । ରାଜନୀତିକୁ ଆସିବା ପୂର୍ବରୁ ସେ ତିନୋଟି ବହି ଲେଖିଥିଲେ । ଆତ୍ମ ଜୀବନୀ ଲେଖିବା ପାଇଁ ସେ ଚିନ୍ତା କରି ନାହାନ୍ତି । ମୁଖ୍ୟମନ୍ତ୍ରୀ ତାଙ୍କ ଭାଷଣରେ ଯଶଶ୍ୱୀ ସାହିତ୍ୟିକ ମାନଙ୍କୁ ମନେ ପକାଇଥିଲେ । ସାମାଜିକ ବିକାଶ ପାଇଁ ସାହିତ୍ୟ ହେଉଛି ଅପରିହାର୍ଯ୍ୟ ବୋଲି କହିଥିଲେ । ବଡ଼ି ଫିଟ୍‌ନେସ ସମ୍ପର୍କରେ ପଚାରିବାରୁ ସେ କହିଥିଲେ ଯେ, ମୁଁ ସ୍ୱଚ୍ଛ ଆହାର କରେ ଏବଂ ଦୁଇଥର ବ୍ୟାୟାମ କରେ । କାଶ୍ମୀରରେ ୩୭୦ (୩୫-ଏ) ଧାରା ଉଚ୍ଛେଦକୁ ସେ ସମର୍ଥନ କରନ୍ତି । ଶାରଳା ମହାଭାରତ ଓଡ଼ିଆ ସାହିତ୍ୟର ପରିବର୍ତ୍ତନ ବାହକ । ଔପନ୍ୟାସିକ ଫକୀର ମୋହନ ସେନାପତି ତାଙ୍କର ପ୍ରିୟ ଲେଖକ । କାରଣ ସେ ନାରୀ ଶିକ୍ଷାର ପ୍ରସାର ଉପରେ ସେ ଗୁରୁତ୍ୱ ଦେଇଥିଲେ । ଭଲ କ୍ରିକେଟିୟର କିଏ ବୋଲି ତାଙ୍କୁ ପଚାରାଯିବାରୁ ସେ କହିଲେ ଯେ, ବିରାଟ କୋହଲି ତାଙ୍କର ପ୍ରିୟ ଖେଳାଳୀ । ୫-ଟି ମନ୍ତ୍ର ଉପରେ ତାଙ୍କ ସରକାର ଗୁରୁତ୍ୱ ଦେଇଛି ବୋଲି ସେ କହିଥିଲେ । ମୋର ଉତରାଧିକାରୀ କିଏ ହେବ ତାହା ଓଡ଼ିଶାବାସୀ ବାଛିବେ ବୋଲି ସେ ତାଙ୍କ ମନର କଥା କହିଥିଲେ । ଏହି କାର୍ଯ୍ୟକ୍ରମରେ ବହୁ ବିଶିଷ୍ଟ ବ୍ୟକ୍ତି, ସାହିତ୍ୟିକ, ପ୍ରଶାସକ, ରାଜନେତା, ସମାଜସେବୀ, ସାମ୍ବାଦିକ ମାନେ ଉପସ୍ଥିତ ଥିଲେ ।

ଭାରତୀୟ ଅର୍ଥ ବ୍ୟବସ୍ଥାକୁ ମଜବୁତ୍ କରିବା ପାଇଁ ମୋଦି ସରକାର ନେଇଛନ୍ତି ଐତିହାସିକ ପଦକ୍ଷେପ :ଧର୍ମେନ୍ଦ୍ର

ଭୁବନେଶ୍ୱର,(ପିଏନ): ଭାରତର ଅର୍ଥନୀତିକୁ ୫ ଟ୍ରିଲିୟନ ଆମେରିକୀୟ ଡଲାର ବିଶିଷ୍ଟ କରିବା ପାଇଁ ଏବଂ ଆର୍ଥିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ପାଇଁ ବିଗତ କିଛି ଦିନରେ ଭାରତ ସରକାରଙ୍କ ଦ୍ୱାରା ନିଆଯାଇଥିବା ପଦକ୍ଷେପର ପ୍ରଭାବ ସବୁ ସ୍ତରରେ ଅନୁଭୂତ ହେବ ବୋଲି ଏକ ସାମ୍ବାଦିକ ସମ୍ମିଳନୀରେ ଗଣମାଧ୍ୟମକୁ ଉଦବୋଧନ ଦେଇ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।

ଶ୍ରୀ ପ୍ରଧାନ ଭାରତ ସରକାର ନେଇଥିବା ସକାରାତ୍ମକ ପଦକ୍ଷେପ ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ ଏବେ ଏସିଆ ମହାଦେଶରେ କମ୍ପାନୀ ମାନଙ୍କ ଉପରେ ସବୁଠୁ କମ୍ ଟିକସ ଲାଗୁ କରୁଥିବା ଦେଶ ଭାବରେ ଭାରତ ଆଗକୁ ଆସିଛି । ଏବେ ଭାରତର କର୍ପୋରେଟ ଟ୍ୟାକ୍ସ ସିଙ୍ଗାପୁର ସହ ସମାନ ହୋଇଛି । ଏହା ମୋଦି ସରକାରଙ୍କର ଏକ ଐତିହାସିକ ନିର୍ଣ୍ଣୟ । ଶ୍ରୀ ପ୍ରଧାନ କହିଛନ୍ତି ଯେ ୩୦ ପ୍ରତିଶତରେ ଥିବା କର୍ପୋରେଟ ଟ୍ୟାକ୍ସକୁ ୨୨ ପ୍ରତିଶତକୁ କମ୍ କରାଯାଇଛି । ଅତିରିକ୍ତ ଦେୟ ଓ ସେସକୁ ମିଶାଇଲେ ଏହି ଟିକସ ୨୫.୧୭ ପ୍ରତିଶତରେ ସୀମିତ ରହିବ ଯାହାକି ପୂର୍ବରୁ ୩୪.୯ ପ୍ରତିଶତ ଥିଲା ।

ସେ କହିଛନ୍ତି ଅକ୍ଟୋବର, ୨୦୧୯ ପରେ ପଂଜୀକୃତ ହୋଇଥିବା କମ୍ପାନୀ ଗୁଡିକର ଯାହା ବିନିର୍ମାଣ (ମାନୁଫାକ୍‌ଚରିଂ) କ୍ଷେତ୍ରରେ କାର୍ଯ୍ୟରତ, ସେମାନଙ୍କ ଆୟ କରକୁ ୧୫ ପ୍ରତିଶତରେ ସୀମିତ ରଖାଯାଇଛି । ଏହି ନୂଆ କମ୍ପାନୀ ଗୁଡିକୁ କୌଣସି ସର୍ବନିମ୍ନ ବିକଳ୍ପ ଟିକସ (ଏମଏଟି) ମଧ୍ୟ ଦେବାକୁ ପଡିବ ନାହିଁ । ଯେଉଁ ପୁରୁଣା କମ୍ପାନୀ ଗୁଡିକ ସର୍ବନିମ୍ନ ବିକଳ୍ପ ଟିକସ ୧୮. ୫ ପ୍ରତିଶତ ହାରରେ ଦେଉଥିଲେ ଏହାକୁ ମୋଦି ସରକାର ୧୫ ପ୍ରତିଶତରେ ସୀମିତ ରଖିବା ପାଇଁ ନିର୍ଣ୍ଣୟ କରିଛନ୍ତି । ଏହି ପଦକ୍ଷେପ ମାନୁଫାକ୍‌ଚରିଂ ସେକ୍ଟରରେ ନୂଆ ପୁଂଜି ନିବେଶକୁ ପ୍ରୋତ୍ସାହିତ କରିବା ସହ ମୋଦି ସରକାରଙ୍କ ମେକ ଇନ ଇଣ୍ଡିଆ ପଦକ୍ଷେପକୁ ତ୍ୱରାନ୍ୱିତ କରିବ । ଏହି ଟିକସ ରିହାତି ଯୋଗୁ ପୁଂଜିନିବେଶକାରୀ ମାନେ ଭାରତର ଷ୍ଟକ ଏକ୍ସଚେଂଜରେ ସେୟାର କ୍ରୟ କରିବାକୁ ପ୍ରୋତ୍ସାହିତ ହୋଇଛନ୍ତି । ଏହି ଟ୍ୟାକ୍ସ ରିହାତି ଘୋଷଣା ପରେ ପରେ ବମ୍ବେ ଷ୍ଟକ ଏକ୍ସଚେଂଜ ସେନସେକ୍ସ ୩୬,୦୯୩ ପଏଂଟରୁ ୩୮,୦୧୭ ପଏଂଟରେ ପହଂଚି ପାରିଛି । ଏହି ୧୯୨୪ ପଏଂଟ ବୃଦ୍ଧି ଷ୍ଟକ୍ ଏକ୍ସଚେଂଜର ଇତିହାସରେରେ ଏକ ରେକର୍ଡ ସୃଷ୍ଟି କରିଛ

ଟି ଟାଇମ୍

ଇତିହାସରେ ଆଜି ଦିନ

ଆଜିର ଦିନରେ ବିଶ୍ୱ ଇତିହାସରେ ଅନେକ ଘଟଣା ଓ ଦୁର୍ଘଟଣାମାନ ଘଟିଛି । ବହୁ ବରପୁତ୍ର ତଥା ପ୍ରଖ୍ୟାତ କଳାକାର ମଧ୍ୟ ଆଜି ଜନ୍ମ ହୋଇଛନ୍ତି । ଆଜିର ଦିନରେ ଇତିହାସ ପୃଷ୍ଠାରେ କ'ଣକ'ଣ ଘଟଣା ଘଟିଥିଲା ଆସନ୍ତୁ ଜାଣିବା :

❖ ଓହାୟୋର କଲମ୍ବସ ନିକଟସ୍ଥ ଚିଡିଆଖାନାରେ ବନ୍ଦୀ ଅବସ୍ଥାରେ ପ୍ରଥମ ଗରିଲା କୋଲୋରା ଜନ୍ମଲାଭ କରିଥିଲା(୧୯୫୬)

❖ ଆଫଗାନିସ୍ତାନର ମଧ୍ୟବର୍ତ୍ତିକାଳୀନ ସରକାରର ମୁଖ୍ୟ ବୁରାହନୁଦ୍ଦିନ ରବ୍ବାନୀ ରାଷ୍ଟ୍ରପତି ହମିଦ କାରଜାଇଙ୍କୁ କ୍ଷମତା କ୍ଷମତା ହସ୍ତାନ୍ତର କରିଥିଲେ(୨୦୦୧)

❖ ହଡସନ ନଦୀ ଉପରେ ନିର୍ମି ତ ଲିଙ୍କନ ଟନେଲ

❖ ସର୍ବସାଧାରଣଙ୍କ ଯାତାୟତ ପାଇଁ ଖୋଲା ଯାଇଥିଲା(୧୯୩୭)

❖ ବର୍ଲିନର ବ୍ରାଣ୍ଡେନବର୍ଗ ଗେଟ ଖୋଲିଥିଲା, ଏହା ଦୀର୍ଘ ୩୦ ବର୍ଷ ପର୍ଯ୍ୟନ୍ତ ବନ୍ଦ ହୋଇ ରହିଥିଲା(୧୯୮୯)

ପୁରାଣ କାହାଣୀ

ରାମଙ୍କ ପିତୃସତ୍ୟ ପାଳନ

ମନ୍ଥରା କଥାରେ କୈକେୟୀ ରାଜା ଦଶରଥଙ୍କୁ ଏକଦା ପ୍ରତିଜ୍ଞା କରିଥିବା ଦୁଇଟି ବର ପ୍ରଦାନ କରିବା ଛଳରେ ଏହି ଦୁଇ ବର ମାଗିଲେ ଯେ, ରାମ ବାର ବର୍ଷ ପାଇଁ ବନବାସ କରିବାକୁ ଯିବେ ଓ ତାଙ୍କ ପୁତ୍ର ଭରତ ରାଜା ହେବେ। ରାଜା ଦଶରଥ ଅତିଶୟ ଦୁଃଖରେ ତାଙ୍କ ସତ୍ୟ ରକ୍ଷା କଲେ। ଏହା ଶୁଣି ରାମ ଧୀର ଚିତ୍ତରେ ପିତୃ-ସତ୍ୟ ପାଳନ ନିମନ୍ତେ କିଞ୍ଚିତ ଦୁଃଖ ପ୍ରକାଶ କଲେ ନାହି। ରାମଙ୍କର ଏହି ମହନୀୟତା ହିଁ ସାରା ରାମାୟଣରେ ଅନେକ ରୂପରେ ପ୍ରକାଶିତ ହୋଇଛି। ରାମଙ୍କର ଶତ ବାରଣ ସତ୍ତ୍ୱେ,ବନବାସ ବେଳେ ରାମଙ୍କର ଅନୁସରଣ କରିବା ପାଇଁ ଦେବୀ ସୀତା ଏବଂ ଭ୍ରାତା ଲକ୍ଷ୍ମଣ ଇଚ୍ଛା ପ୍ରକାଶ କଲେ। ରାମଙ୍କର ବାରଣର ଉତ୍ତରରେ ସୀତା କହନ୍ତି, ଆପଣଙ୍କ ପାଦ ଯେଉଁ ବନପ୍ରଦେଶରେ ପଡିମ ତାହା ମୋ ପାଇଁ ଅଯୋଧ୍ୟା ଆଉ ଆପଣଙ୍କ ବିନା ଆଯୋଧ୍ୟା ମଧ୍ୟ ମୋ ପାଇଁ ନର୍କ ସଦୃଶ। ଇତି ମଧ୍ୟରେ ଭାରତ, ଟିଏ କି ମାତୃଳଙ୍କ ଗୃହକୁ ବୁଲି ଯାଥିଲେ, ଏଖବର ଶୁଣି ଗଭୀର ଦୁଃଖ ପ୍ରକାଶ କଲେ। ରାଜା ହେବାର ସୁଯୋଗ ପରିତ୍ୟାଗ କରି ସେ ଭ୍ରାତା ରାମଙ୍କୁ ଦେଖା କରିବା ପାଇଁ ସେ ବନ ଗମନ କରି ରାମଙ୍କୁ ଦେଖା କଲେ। ରାମଙ୍କୁ ବହୁତ ଅନୁନୟ ବିନୟ ପୂର୍ବକ ଫେରିଆସିବାକୁ ଏବଂ ରାଜ୍ୟ ଭାର ଗ୍ରହଣ କରିବାକୁ ଆକୁଳ ପ୍ରାର୍ଥନା କଲେ। କିନ୍ତୁ ରାମ ପିତୃ-ସତ୍ୟ ପାଳନ ନିମନ୍ତେ ସମସ୍ତ ଅନୁରୋଧକୁ ପ୍ରତ୍ୟାଖ୍ୟାନ କରି ବନବାସ ପୂର୍ବରୁ ରାଜ୍ୟକୁ ଫେରିବାକୁ ମନା କରିଦେଲେ। ତେବେ ଏକ ବିରଳ ଭ୍ରାତୃ ଭକ୍ତିର ଉଦାହରଣ ସ୍ୱରୂପ ଭରତ ଭ୍ରାତା ରାମଙ୍କ କଠଉ ଯୋଡିକ ମସ୍ତକରେ ଧାରଣ ପୂର୍ବକ ଫେରି ଆସିଲେ ଏବଂ ସିଂହାସନରେ ରାମଙ୍କ କଠଉ ସ୍ଥାପନ ପୂର୍ବକ ରାମଙ୍କ ପ୍ରତିନିଧି ଭାବରେ ରାଜ୍ୟ ଶାସନ କରିବାକୁ ଲାଗିଲେ।

ଆଜିର ଭାଗ୍ୟ

ମେଷ
କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

ବୃଷ
ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

ମିଥୁନ
କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

କର୍କଟ
ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ଥି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

ସିଂହ
ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

କନ୍ୟା
ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

ତୁଳା
ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

ବିଛା
ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

ଧନୁ
ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

ମକର
କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

କୁମ୍ଭ
ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

ମୀନ
କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

ପଲ୍ଲୀ କବି ନନ୍ଦ କିଶୋର ବଳ



ଓଡିଶା ସାହିତ୍ୟର ପ୍ରାକ୍- ଆଧୁନିକ କାଳରେ ଜଣେ କବି ଥିଲେ। ସେ ଓଡିଶାର ପୁରପଲ୍ଲୀ ଉପରେ କାବ୍ୟ ରଚନା କରିଥିବାରୁ ତାଙ୍କୁ ପଲ୍ଲୀ କବି ବୋଲି ସମ୍ବୋଧନ କରାଯାଏ।

ସେ ଓଡିଶାର କଟକ ଜିଲ୍ଲା ଅନ୍ତର୍ଗତ କୁସୁପୁର ଗାଆଁରେ ଜନ୍ମଗ୍ରହଣ କରିଥିଲେ। ପିତାଙ୍କ ନାମ ଥିଲା ଭଜନାନନ୍ଦ ଜେନା ଓ ମାତାଙ୍କର ନାମ ହିରଣ୍ମୟୀ ଦେବୀ। ଶୈଶବରେ ସେ "ରସାନନ୍ଦ ଜେନା" ନାମରେ ପରିଚିତ ଥିଲେ। ପିଉସୀ ପୋଷ୍ୟପୁତ୍ର କରିନେବା ପରେ ସେ ନନ୍ଦକିଶୋର ବଳ ଭାବରେ ପରିଚିତ ହେଲେ। ବାଲ୍ୟ ଜୀବନ କୁସୁପୁରରେ ହେଁ କଟିଥିଲା। ଗାଁ ସ୍କୁଲରୁ ଆରମ୍ଭ କରି, ସେ କଟକ ଟାଉନ ସ୍କୁଲ, ରେଭେନ୍ସା କଲିଜିଏଟ ସ୍କୁଲ, କେନ୍ଦ୍ରାପଡା ଉଚ୍ଚ ଇଂରାଜୀ ବିଦ୍ୟାଳୟ ଓ ରେଭେନ୍ସା ମହାବିଦ୍ୟାଳୟରେ ଶିକ୍ଷାଲାଭ କରିଥିଲେ। ଭକ୍ତି କବି ବଧୁସୂଦନ ରାଓଙ୍କ ଦ୍ୱାରା ପ୍ରତିଷ୍ଠିତ କଟକରେ ଟାଉନ ସ୍କୁଲରୁ ନନ୍ଦ କିଶୋର ନିଜର ଚାକିରି ଜୀବନ ଆରମ୍ଭ କରିଥିଲେ। କିଛି ବର୍ଷ ପରେ, ସେ ସ୍କୁଲ ସବ୍‌ଇନସପେକ୍ଟର ଭାବେ ପଦୋନ୍ନତି ପାଉଥିଲେ। ଏହି ଚାକିରିରେ ବାରମ୍ବାର ଗସ୍ତ ଓ ବଦଳି ଯୋଗୁଁ ତାଙ୍କ ଦେହ ଖରାପ ହେଉଥିଲା। ଏହି କାରଣରୁ ସେ ସ୍ୱେଚ୍ଛାକୃତ ଅବସର ନେଇ ଗାଁରେ ରହିବାକୁ ସ୍ଥିର କରିଥିଲେ। କିନ୍ତୁ ଚିକିତ୍ସା ପାଇଁ ତାଙ୍କୁ ପୁନର୍ବାର କଟକ ଆସିବାକୁ ପଡିଥିଲା। ୧୯୨୮ ମସିହା ଜୁଲାଇ ୧ ତାରିଖରେ ଇହଲିଳା ସମ୍ବରଣ କରିଥିଲେ।

ରଚନାବଳୀନନ୍ଦ କିଶୋର, କଲେଜରେ ପଢ଼ିଲା ବେଳୁହିଁ ପ୍ରବନ୍ଧ ଲେଖିବା ଆରମ୍ଭ କରିଥିଲେ। ନିଜର ପ୍ରଥମ ପ୍ରଥମ ପ୍ରବନ୍ଧକୁ ସେ "ପଲ୍ଲୀ ଚିତ୍ର" ନାମରେ କବିତାର ରୂପ ଦେଇଥିଲେ। ତାଙ୍କର ରଚନାବଳୀରେ ପଲ୍ଲୀ ପ୍ରକୃତିର ସୁନ୍ଦର ବର୍ଣ୍ଣନା ଫୁଟିଉଠିଥାଏ। ପିଲାମାନଙ୍କ ପାଇଁ ତାଙ୍କଦ୍ୱାରା ରଚିତ "ନାନା ବାୟା ଗୀତ" ଓଡିଶାର ପୁରପଲ୍ଲିରେ ବେଶ୍ ପ୍ରଚଳିତ। ସେ ୧୦୦ରୁ ଅଧିକ ସନେଟ ମଧ୍ୟ ଲେଖିଛନ୍ତି। ତାଙ୍କର ସନେଟ ଗୁଡିକ ପ୍ରକୃତି ଓ ଜନଜୀବନର ଛବିରେ ପୁଷ୍ଟ। ୧୯୨୫ରେ ସେ କନକଲତା (ଉପନ୍ୟାସ) ନାମରେ ଉପନ୍ୟାସଟିଏ ମଧ୍ୟ ରଚିଯାଇଛନ୍ତି।

ରଣବୀର-କ୍ୟାଟ୍ରିନାଙ୍କୁ ନେଇ ଚର୍ଚ୍ଚା

ରଣବୀର କପୁର ଓ କ୍ୟାଟ୍ରିନା କୈଫଙ୍କ ଅଭିନୀତ ଫିଲ୍ମ 'ଜଗା ଜାସୁସ୍'ର ପ୍ରଥମ ପୋଷ୍ଟର ରିଲିଜ କରାଯାଇଛି। ୟୁଟିଭି ମୋଶନ ପିକଚର୍ସର ଟ୍ୱିଟରରେ ଏହି ପୋଷ୍ଟର ରିଲିଜ କରାଯାଇଛି। ଯେଉଁଥିରେ ଉଭୟ ରଣବୀର ଓ କ୍ୟାଟ୍ରିନାଙ୍କୁ ଓଟପକ୍ଷୀ ଉପରେ ବସି ଯାଉଥିବାର ଦେଖିବାକୁ ମିଳିଛି। ଦୁଇଜଣଙ୍କ ଲୁକ୍ ମଧ୍ୟ ଖୁବ୍ ମଜାଳିଆ ହୋଇଛି। ଯାହାକୁ ଦେଖିବା ପରେ ଫିଲ୍ମ ରିଲିଜର ଅପେକ୍ଷାରେ ରହିଛନ୍ତି ଦର୍ଶକ। ଫିଲ୍ମକୁ ନେଇ ବ୍ୟଗ୍ରତାର ଅନ୍ୟ ଏକ କାରଣ ହେଉଛି ବ୍ରେକଅପ୍ ପରେ ପୁଣିଥରେ ରଣବୀର ଓ କ୍ୟାଟ୍ରିନାଙ୍କୁ ଏଥିରେ ଏକାଠି ଦେଖିବାକୁ ମିଳିବ। ଯାହା ସେମାନଙ୍କ ପ୍ରଶଂସକଙ୍କ ପାଇଁ ଖୁସିର ମୁହୂର୍ତ୍ତ। ତେବେ ଅନୁରାଗ ବସୁଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମଟି ଚଳିତ ବର୍ଷ ୨୭ ନଭେମ୍ବରରେ ରିଲିଜ କରାଯାଇଥା'ନ୍ତା। ମାତ୍ର ରଣବୀର ଓ କ୍ୟାଟ୍ରିନାଙ୍କ ବ୍ରେକଅପ୍ ଏବଂ ଦୁଇଜଣଙ୍କ ବ୍ୟସ୍ତ ସିଡ୍ୟୁଲକୁ ନେଇ ଫିଲ୍ମଟି ନିର୍ଦ୍ଧାରିତ ସମୟରେ ଶେଷ ହୋଇପାରିନଥିଲା। ତେଣୁ ଏହାର ରିଲିଜ ଡେଟ୍‌କୁ ଘୁଞ୍ଚାଯାଇ ଆସନ୍ତା ବର୍ଷ ଅପ୍ରେଲ ୭ ତାରିଖକୁ ରଖାଯାଇଛି।

ଉଚ୍ଚ ରକ୍ତଚାପରୁ ରକ୍ଷା କରିବ ଗଭୀର ନିଃଶ୍ୱାସ

ଶରୀରରେ ଯେକୌଣସି ରୋଗର ଉପସ୍ଥିତି ଅଧିକାଂଶ ଲୋକଙ୍କୁ ବହୁତ ଡେରିରେ ଜଣା ପଡ଼ିଥାଏ । ସେଭଳି ଏକ ରୋଗ ହେଉଛି ଉଚ୍ଚ ରକ୍ତଚାପ । ଉଚ୍ଚ ରକ୍ତଚାପକୁ ସାଇଲେଣ୍ଟ କିଲର କୁହାଯାଏ । ଯଦି ଆପଣ ସେଭଳି ସ୍ଥିତିରେ ଗତି କରୁଛନ୍ତି ଓ ଔଷଧପତ୍ର ଖାଇବା ଝାମେଲାରୁ ମୁକୁଳିବାକୁ ଚାହୁଁଛନ୍ତି ତେବେ ଆପଣ ଆପଣଙ୍କ ଲାଇଫ ଷ୍ଟାଇଲକୁ ବଦଳାନ୍ତୁ । ଦୀର୍ଘ ଶ୍ୱାସକ୍ରିୟାରେ ଆରାମ-କିଛି ବ୍ୟକ୍ତିଙ୍କର ରକ୍ତଚାପ ସନ୍ଧ୍ୟା ତୁଳନାରେ ସକାଳ ସମୟରେ ଅଧିକ ଥାଏ । ଏହାର କାରଣ ରାତିରେ ଅମ୍ଳଜାନର ଅଭାବ। ବିପି ନିୟନ୍ତ୍ରଣ ରଖିବା ପାଇଁ ଅମ୍ଳଜାନର ମୁଖ୍ୟ ଭୂମିକା ରହିଛି । ଏଥିପାଇଁ ଦିନବେଳେ ଶାନ୍ତ ପରିବେଶରେ ବସି ୧୦ ରୁ ୧୫ ଥର ପେଟ ଭିତରୁ ଦୀର୍ଘ ନିଃଶ୍ୱାସ ନେବା ଉଚିତ୍ । ଏସ୍‌ଏମ୍‌ଏସ୍ ଡାକ୍ତରଖାନାର ଫିଜିସିଆନ୍ ଡା. ସି.ଏଲ୍.ନବଲଙ୍କ କହିବା ଅନୁସାରେ ଗଭୀର ନିଃଶ୍ୱାସ ପ୍ରଶ୍ୱାସ ନେଲେ ଶରୀରରେ ଅମ୍ଳଜାନ ଓ ରକ୍ତ ସଞ୍ଚାଳନ ସୁଚାରୁ ରୂପେ ହୋଇଥାଏ । ତା'ସହିତ ମାନସିକ ରୂପରେ ଶାନ୍ତି ମିଳିଥାଏ ।

ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ'ଣ ସେହି ଗଛ ନିଜେ ହିଁ ସେ ଅଞ୍ଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା'ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଚାଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।

ବିଲେଇକୁ ମିଳୁଛି ସରକାରୀ ଚାକିରି, ମୋଟା ଦରମା

ଲଣ୍ଡନ ଗୋଟିଏ ପଟେ ଦେଶରେ ବେରୋଜଗାରୀ ସମସ୍ୟା ବୃଦ୍ଧି ପାଉଥିଲା ବେଳେ ଅନ୍ୟପଟେ ଏଠି ବିଲେଇକୁ ପ୍ରଦାନ କରାଯାଉଛି ସରକାରୀ ଚାକିରି ଏବଂ ଚାକିରି ବାବଦରେ ମିଳୁଛି ମୋଟା ଦରମା। ନିକଟରେ ଦେଶର କ୍ୟାବିନେଟ୍ ଦୁଇ ବିଲେଇକୁ ସରକାରୀ ନିଯୁକ୍ତି ପାଇଁ ମଞ୍ଜୁର ଦେଇଛି। ଇବି ଏବଂ ଓସି ନାମକ ଏହି ଦୁଇ ବିଲେଇ ଏବେ ବ୍ରିଟିସ ସରକାରଙ୍କ କ୍ୟାବିନେଟ୍ କାର୍ଯ୍ୟାଳୟରେ ଚାକିରି କରୁଛନ୍ତି। ବିଲେଇଙ୍କୁ ନିଯୁକ୍ତି ଦିଆଯିବା ପୂର୍ବରୁ ବିଧିବଦ୍ଧ ଭାବେ ବିଜ୍ଞାପନ ଦିଆଯାଇଥିଲା। ବିଜ୍ଞାପନରେ ସେମାନଙ୍କର ଯୋଗ୍ୟତା ସହ ବାୟୋଡାଟା ମଧ୍ୟ ମଗାଯାଇଥିଲା। ଏହି ନିଯୁକ୍ତି ପାଇଁ ଅନେକ ଆବେଦନ ପତ୍ର ମିଳିଥିଲା ବେଳେ ଦକ୍ଷତାକୁ ଦୃଷ୍ଟିରେ ରଖି ଦୁଇ ବିଲେଇଙ୍କୁ ନିଯୁକ୍ତି ଦିଆଯାଇଛି। ଏମାନଙ୍କର ଦାୟିତ୍ୱ ହେଉଛି କ୍ୟାବିନେଟ୍ କାର୍ଯ୍ୟାଳୟରୁ ମୂଷା ମାରିବା। ଗତକିଛି ବର୍ଷ ଧରି ଏଠାର କ୍ୟାବିନେଟ୍ କାର୍ଯ୍ୟାଳୟରେ ମୂଷାଙ୍କ ଉତ୍ପାତ ବୃଦ୍ଧି ପାଉଥିଲା ବେଳେ ସେମାନଙ୍କ ଦ୍ୱାରା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ନଷ୍ଟ ହେବାରେ ଲାଗିଛି। ଯେଉଁ କାରଣରୁ ସରକାର ବାଧ୍ୟରେ ମୂଷା ନିୟନ୍ତ୍ରଣ ପାଇଁ ବିଲେଇ ନିଯୁକ୍ତି ଦେଇଛନ୍ତି।

ଶୀତ ଋତୁରେ ରୋଗ ବେଶୀ

ଶୀତଋତୁ ଆସିଲେ ବିଭିନ୍ନ ପ୍ରକାର ରୋଗ ମଧ୍ୟ ସାଙ୍ଗରେ ଆଣି ଆସିଥାଏ । ଯେପରି ଥଣ୍ଡା, ସଂକ୍ରମଣ, ତ୍ୱଚା ଫାଟିବା ଇତ୍ୟାଦି । କେତେକ ଲୋକଙ୍କର ଭାବନା ରହିଥାଏ କି ସନସ୍କ୍ରିନ୍‌ର ପ୍ରୟୋଗ କେବଳ ଗ୍ରୀଷ୍ମ ଦିନମାନଙ୍କରେ କରାଯାଇଥାଏ କିନ୍ତୁ ଏପରି ଭାବିବା ସମ୍ପୂର୍ଣ୍ଣ ରୂପେ ଭୁଲ୍ । ଥଣ୍ଡା ଦିନମାନଙ୍କରେ ସୂର୍ଯ୍ୟ ଭୂପୃଷ୍ଠର ସବୁଠାରୁ ନିକଟତର ହୋଇଥାନ୍ତି । ଏଥିପାଇଁ ସୂର୍ଯ୍ୟଙ୍କ କିରଣ ଅଧିକ କ୍ଷତି ପହଞ୍ଚାଇଥାଏ । ଥଣ୍ଡା ଦିନମାନଙ୍କରେ କସରତ କରିବା କ୍ଷତିକାର ହୋଇପାରେ । ଏପରି ଭାବିବା ବିଲ୍‌କୁଲ୍ ଭୁଲ୍ । ବାସ୍ ଏହି କଥାର ଧ୍ୟାନ ରଖନ୍ତୁ କି ବାହାରକୁ ବାହାରିବା ପୂର୍ବରୁ ନିଜକୁ ଥଣ୍ଡାରୁ ବଞ୍ଚେଇବାର ସମସ୍ତ ଉପାୟକୁ ସାଙ୍ଗରେ ଧରି ଯାଆନ୍ତୁ । ଥଣ୍ଡା ଦିନମାନଙ୍କରେ ମଦ୍ୟପାନ କରିବା ଦ୍ୱାରା ଶରୀର ଗରମ ପହଞ୍ଚାଇଥାଏ ବୋଲି ଅନେକଙ୍କର ଭାବନା ରହିଥାଏ । କିନ୍ତୁ ବାସ୍ତବରେ ଏହା ଅଳ୍ପ କିଛି ସମୟ ପାଇଁ ଆପଣଙ୍କ ଶରୀରକୁ ଗରମ ରଖିଥାଏ । ଲମ୍ବା ସମୟ ପର୍ଯ୍ୟନ୍ତ ଏହା କାମ କରିନଥାଏ । ଅଧିକ ସମୟ ପର୍ଯ୍ୟନ୍ତ ଥଣ୍ଡାରେ ଘରଠୁ ବାହାରେ ରହିବା ଦ୍ୱାରା ରୋଗ ଆକ୍ରାନ୍ତ ହେବାର ଆଶଙ୍କା ଅଧିକ ରହିଥାଏ । ଏପରି ବିଲ୍‌କୁଲ୍ ନୁହେଁ । ଏହି ମୌସୁମୀରେ ଥଣ୍ଡା, କାଶ, କେବଳ ବ୍ୟାକ୍ଟେରିୟା ଏବଂ ସଂକ୍ରମଣ କାରଣରୁ ହିଁ ହୋଇଥାଏ । ଥଣ୍ଡା ମୌସୁମିରେ ଅଧିକ ଚିନ୍ତା ରହିଥାଏ । ଭିଟାମିନ୍ ସି ଇମ୍ୟୁନିଟିକୁ ବଢେଇଥାଏ ଏବଂ ଥଣ୍ଡା ଦିନମାନଙ୍କରେ ହେଉଥିବା ରୋଗ ମାନଙ୍କଠାରୁ ବଞ୍ଚେଇଥାଏ ।

କ୍ୟାନ୍ସର ରୋଗୀଙ୍କ ନିମନ୍ତେ ଦିନଟିଏ: ୱାର୍ଲ୍ଡ ରୋଜ ଡେ

ଯନ୍ତ୍ରଣାରେ ଜୀବନ: ଈଶ୍ୱରଙ୍କ ସୃଷ୍ଟିରେ ବିବିଧପ୍ରକାରର ଫୁଲ ରହିଛି, ତଥାପି ସମସ୍ତଙ୍କର ଗୋଲାପ ଫୁଲ ପ୍ରତି ଅହେତୁକ ଆକର୍ଷଣ ରହିଥାଏ । ଗୋଲାପ ସ୍ନେହ, ପ୍ରେମ, ବନ୍ଧୁତ୍ୱ ପରି ଦେବସୁଲଭ ଗୁଣର ପ୍ରତୀକ । ତେଣୁ ମନ୍ଦିରଠାରୁ ଆରମ୍ଭ କରି ବାହାଘର ପ୍ରଭୃତି ସ୍ଥାନରେ ଗୋଲାପର ଡ଼େର ଆଦର । ଫେବୃୟାରୀ ମାସ ୭ ତାରଖରେ ସମସ୍ତେ ରୋଜ ଡ଼େ ପାଳନ କରନ୍ତି । ମାତ୍ର ମୁଁ ଏଠାରେ ବର୍ଣ୍ଣନା କରିବାକୁ ଯାଉଥିବା "ୱାର୍ଲ୍ଡ ରୋଜ ଡ଼େ" (ବିଶ୍ୱ ଗୋଲାପ ଦିବସ) ବିଷୟରେ ହୁଏତ ବେଶିଜଣ ଜାଣିନଥିବେ । ପ୍ରତିବର୍ଷ ସେପ୍ଟେମ୍ବର ୨୨ ତାରିଖରେ "ୱାର୍ଲ୍ଡ ରୋଜ ଡ଼େ" ପାଳନ କରାଯାଏ । କାନାଡ଼ାର ବାର ବର୍ଷୀୟ "ମୋଲିଣ୍ଡା ରୋଜ୍" ଯିଏକି ଆସ୍କିନ୍ ଟ୍ୟୁମରରେ ପୀଡ଼ିତ ହୋଇଥିଲେ, ତାଙ୍କ ସ୍ମୃତିରେ "ୱାର୍ଲ୍ଡ ରୋଜ ଡେ" ପାଳିତ ହୁଏ । ଆସ୍କିନ୍ ଟ୍ୟୁମର ମଧ୍ୟ ଏକ ପ୍ରକାରର ବ୍ଲଡ୍ କ୍ୟାନ୍ସର । ଡ଼ାକ୍ତର ଅନୁମାନ କରି କହିଥିଲେ ଯେ ସେ ଅତିବେଶିରେ ସପ୍ତାହେ କିମ୍ବା ଦୁଇ ସପ୍ତାହ ବଂଚିବେ; ମାତ୍ର ଏହାକୁ ଭୁଲ୍ ପ୍ରମାଣିତ କରି ସେ ଛଅମାସରୁ ଅଧିକ ବଂଚିଥିଲେ । ସେହି ସନ୍ଧିକ୍ଷଣ ସମୟରେ ଅନ୍ୟ କ୍ୟାନ୍ସର ରୋଗୀ, ସେବକ ସେବିକା, ଡ଼ାକ୍ତରଙ୍କ ସହ ଚିଠି,ଗୀତ, ଇମେଲ୍ ମାଧ୍ୟମରେ ଆନନ୍ଦରେ ରୋଜ କାଳ ଅତିବାହିତ କରିଥିଲା । ମୃତ୍ୟୁ ମଧ୍ୟ ତାଙ୍କ ଖୁସି ଆଗରେ ହାରମାନି ଯାଇଥିଲା । ଦ୍ୱାର ମୁହଁରେ ମୃତ୍ୟୁକୁ ଦେଖି ମଧ୍ୟ ମନରେ ଦୁଃଖର ଲେଶମାତ୍ର ଚିହ୍ନ ନଥିଲା ତାଙ୍କର ।

ତେଣୁ ତାଙ୍କୁ ମନେ ପକାଇ ପ୍ରତିବର୍ଷ ସେପ୍ଟେମ୍ବର ୨୨କୁ 'ରୋଜ ଡ଼େ' ପାଳନ କରି କ୍ୟାନ୍ସର ରୋଗୀଙ୍କ ମନରେ ସଚେତନତା ସୃଷ୍ଟି କରାଯାଉଛି । ସେହି ରୋଗକୁ ଦୃଢ଼ଇଚ୍ଛାଶକ୍ତି ସହ ମୁକାବିଲା କରିବାକୁ ପ୍ରେରିତ କରାହେଉଛି । ଏହା କେବଳ କ୍ୟାନ୍ସର ରୋଗୀଙ୍କ ସଚେତନତା ଦିଗରେ କାର୍ଯ୍ୟ କରୁନାହିଁ ବରଂ ରୋଗର ପ୍ରତିଷେଧକ ବ୍ୟବସ୍ଥା ବିଷୟରେ ମଧ୍ୟ ଚେତେଇ ଦେଉଛି । ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ କ୍ୟାନ୍ସର ରୋଗପ୍ରତି ହୁସିଆର ରହିବା ପାଇଁ ଲୋକଙ୍କୁ କୁହାଯାଏ । (ରୋଜ ଡ଼େ) ବିଶ୍ୱ ଗୋଲାପ ଦିବସରେ କ୍ୟାନ୍ସର ରୋଗୀମାନଙ୍କୁ ହାତତିଆରି ଗୋଲାପ, କାର୍ଡ଼, ଉପହାର ପ୍ରଦାନ କରାଯାଏ । ପରଚିତ ଓ ଅପରିଚିତ ଲୋକ ମଧ୍ୟ କ୍ୟାନ୍ସର ରୋଗୀକୁ ରୋଜ ପ୍ରଦାନ କରି ବିଶ୍ୱକୁ କ୍ୟାନ୍ସର ଭଳି ମାରାତ୍ମକ ରୋଗରୁ ଦୂରେଇ ରଖିବା ପାଇଁ ମଙ୍ଗଳ କାମନା କରନ୍ତି । ସୁସ୍ଥ ଓ ଆନନ୍ଦ ଜୀବନଶୈଳୀ ନିର୍ବାହ କରି ଓ କେତେକ ଉତମ ଅଭ୍ୟାସକୁ ଆପଣାଇଲେ ମନୁଷ୍ୟ କ୍ୟାନ୍ସରକୁ ଦୂରେଇ ଦେଇ ପାରିବ । ଆମେ ଯେଉଁଭଳି ଖାଦ୍ୟ ଗ୍ରହଣ କରିବା ସେହି ଅନୁସାରେ ଆମ ସ୍ୱାସ୍ଥ୍ୟ ଗଠନ ହେବ । ସୁଷମ ଖାଦ୍ୟ ଗ୍ରହଣ, ସନ୍ତୁଳିତ ଆହାର ସେବନ,ଜଙ୍କ୍‌ଫୁଡ଼୍‌ଠାରୁ ଦୂରେଇ ରହିବା, କ୍ୟାନ୍ସର କରାଉଥିବା ପଦାର୍ଥମୁକ୍ତ ଖାଦ୍ୟ ଗ୍ରହଣ ଦ୍ୱାରା ଆମ ଶରୀର ସୁସ୍ଥ ରହିବ । ଅଧିକ ସିଝାଯାଇଥିବା, ଭଜାଯାଇଥିବା, ଛଣାଯାଇଥିବା ଖାଦ୍ୟ ପାଟିକୁ ସୁଆଦିଆ ଲାଗେ ମାତ୍ର ଶରୀର ପକ୍ଷେ ଏହା କ୍ଷତିକାରକ । କୁହାଯାଏ "ଗୁଟଖା, ବିଡ଼ି, ପାନ ନୁହେଁ ଛୋଟିଆ ନିଶା, ଜଣାପଡ଼େନାହିଁ ଟାଣେ ପଇସା " ତେଣୁ ଧୂମପାନ, ତମାଖୁ ସେବନଠାରୁ ସମ୍ପୂର୍ଣ୍ଣ ଦୂରେଇ ରହିବା । ଧୂମପାନ ହେଉଥିବା ସ୍ଥାନଠାରୁ ମଧ୍ୟ ନିଜକୁ ଦୂରେଇ ରଖିବା ବିଧେୟ । ନଚେତ ଫୁସ୍‌ଫୁସ୍‌ରେ କ୍ୟାନ୍ସର ସୃଷ୍ଟି ହୁଏ । ନିଜର ଦୃଢ଼ ମନୋବଳଦ୍ୱାରା ଅନେକ ବ୍ୟକ୍ତି ଧୂମପାନ ଛାଡ଼ିଦିଅନ୍ତି । କେତେକ ଥେରାପି ମଧ୍ୟ ଏହି ବ୍ୟକ୍ତିମାନଙ୍କଠାରୁ ବଦଭ୍ୟାସ ଦୂରେଇବାପାଇଁ ଉପଲବ୍ଧ ହେଲାଣି । ଅଧୁନା ସମସ୍ତେ ପ୍ରସାଧନ ସାମଗ୍ରୀର ବହୁଳ ବ୍ୟବହାର କରୁଛନ୍ତି । ପ୍ରତିଦିନ ନିମ୍ନମାନର ପ୍ରସାଧନ ସାମଗ୍ରୀ ବ୍ୟବହାର ଦ୍ୱାରା ଚର୍ମରେ କ୍ୟାନ୍ସର ସୃଷ୍ଟି ହୁଏ । କ୍ୟାନ୍ସର ସୃଷ୍ଟିକାରୀ କାରକ ଚର୍ମ ଦ୍ୱାରା ଅବଶୋଷିତ ହୋଇ ଆଭ୍ୟନ୍ତରୀଣ ଅଙ୍ଗ ପ୍ରତି ମଧ୍ୟ କ୍ଷତି ପହଂଚାଇଥାଏ । ତେଣୁ ବେଳହୁଁ ସାବଧାନ ହେବା ଉଚିତ । ବେଳେବେଳେ ଜିନ୍ ଯୋଗୁଁ ଗୋଟିଏ ପିଢ଼ୀରୁ ଅନ୍ୟ ପିଢ଼ୀକୁ କ୍ୟାନ୍ସର ବ୍ୟାପେ । ତେଣୁ ଡ଼ାକ୍ତରଙ୍କ ସହ ପରାମର୍ଶ କରି ଆବଶ୍ୟକୀୟ ଚିକିତ୍ସା ଗ୍ରହଣ କରିବା ଜରୁରି । ସମଗ୍ର ପୃଥିବୀ ଆଜି ଆଲ୍‌କହଲ୍‌ଦ୍ୱାରା କବଳିତ । ଛୋଟ ଭୋଜିଠାରୁ ଆରମ୍ଭ କରି ହୋଟେଲ୍ ଯାଏ ମଦ ବିରାଜମାନ କରୁଛି । ଏହି ଅଲ୍‌କହଲ୍ ମୁଖ,ଗଳା,ବ୍ରେଷ୍ଟ, ଲିଭର୍ ଓ ଅନ୍ତନଳୀ କ୍ୟାନ୍ସର ସୃଷ୍ଟିର ମୁଖ୍ୟ କାରକ ସାଜିଥାଏ । ତେଣୁ ମଦମୁକ୍ତ ଜୀବନ ଆପଣାଇବା, କ୍ୟାନ୍ସରମୁକ୍ତ ହୋଇଯିବା ।

ହର୍ଷମିତ୍ର ସୁପର ସ୍ପେଶିଆଲିଟୀ କ୍ୟାନ୍ସର ସେଂଟର ବିଗତ ପାଂଚବର୍ଷ ହେଲା ଏହି ଦିବସ ପାଳନ କରୁଛି । ଅନେକ ବ୍ୟକ୍ତିବିଶେଷ ଏଥିରେ ଯୋଗଦେଇ ରୋଗୀଙ୍କ ସେବାରେ ତଥା ମନୋବଳ ବୃଦ୍ଧିରେ ସହାୟକ ହେଉଛନ୍ତି । ଅନେକ ଡ଼ାକ୍ତରଖାନାରେ ରୋଗୀମାନଙ୍କର ଆର୍ଥିକ ଅବସ୍ଥା ଦେଖି ସେମାନଙ୍କୁ ମାଗଣାରେ ଚିକିତ୍ସା ଯୋଗାଇ ଦିଆଯାଉଛି । ଅନେକ ବ୍ୟକ୍ତିବିଶେଷ କ୍ୟାନ୍ସର ସହ ଲଢ଼ି ମୃତ୍ୟୁମୁଖରୁ ଫେରି ସୁସ୍ଥ ଜୀବନଯାପନ କରୁଛନ୍ତି । ଭାରତର ମହାନ୍ କ୍ରିକେଟ୍ ଯୁବରାଜ ସିଂହ ଏହାର ପ୍ରତ୍ୟକ୍ଷ ଉଦାହରଣ । ତେଣୁ ପ୍ରତ୍ୟେକ ବ୍ୟକ୍ତି ରୋଗରେ ପୀଡ଼ିତ ହେଲେ ବ୍ୟତିବ୍ୟସ୍ତ ନ ହୋଇ ଏହାର ଦୃଢ଼ ମୁକାବିଲା କରିବା କଥା, ମେଲିଣ୍ଡା ରୋଜଙ୍କଠାରୁ ଶିଖିବା କଥା । ସେ ରକ୍ତ କର୍କଟରେ ପୀଡ଼ିତ ହୋଇ ମଧ୍ୟ ଜୀବନର ଶେଷ ସମୟକୁ ସକାରାତ୍ମକ ଢ଼ଙ୍ଗରେ ସ୍ମରଣୀୟ ଭାବେ, ଆନନ୍ଦରେ ସମୟ ଅତିବାହିତ କରିଥିଲେ । ସମାଜ ମଧ୍ୟ କ୍ୟାନ୍ସର ରୋଗୀଙ୍କୁ କଡ଼ା କଥାନ କହି, ଉପହାସ ନ କରି ସମବେଦନା ଜଣାଇବା ବିଧେୟ । ଫଳରେ କ୍ୟାନ୍ସର ରୋଗୀମାନେ ଜୀବନ ସକାରାତ୍ମକ ଢ଼ଙ୍ଗରେ ଜିଇଁବା ସହ ନିଜେ ବଂଚି ଅନ୍ୟ ପାଇଁ ଉଦାହରଣ ପାଲଟି ଯିବେ ।

–ସ୍ମିତା ନାୟକ, ଭଞ୍ଜନଗର, ଗଞ୍ଜାମ

ପୁଣି ଅଶାନ୍ତ ହେଲା ଲକ୍ଷ୍ମୀ-ନାରାୟଣ କଲେଜ କ୍ୟାମ୍ପସ୍

ବାଲେଶ୍ୱର (ପିଏନ୍): କଲେଜ କର୍ତ୍ତୃପକ୍ଷ ଦେଇଥିବା ପ୍ରତିଶ୍ରୁତି ପାଳନ ନକରିବାରୁ ଗତ ଗୁରୁବାର ପୁଣି ଜାମଶୁଳୀସ୍ଥିତ ଲକ୍ଷ୍ମୀନାରାୟଣ କଲେଜର ଛାତ୍ରଛାତ୍ରୀ ଧାରଣା ଦେବା ସହ କଲେଜରେ ବ୍ୟାପକ ଭଙ୍ଗାରୁଜା କରିଛନ୍ତି । ସୂଚନା ଅନୁଯାୟୀ ଗତ ବୁଧବାର କଲେଜ ଉନ୍ନୟନ କାର୍ଯ୍ୟ ଓ ଅଧିକ ପରୀକ୍ଷା ଫି'କୁ ବିରୋଧ କରି ଛାତ୍ରଛାତ୍ରୀ ମାନେ ଧାରଣା ଦେଇଥିଲେ । କଲେଜ କର୍ତ୍ତୃପକ୍ଷ ସମସ୍ୟାର ସମାଧାନ ନେଇ ପ୍ରତିଶ୍ରୁତି ଦେବା ପରେ ଛାତ୍ରଛାତ୍ରୀ ଧାରଣାରୁ ଓହରି ଥିଲେ । ମାତ୍ର କଲେଜ କର୍ତ୍ତୃପକ୍ଷ ପ୍ରତିଶ୍ରୁତି ପାଳନ ନକରିବାରୁ ଗତ ଗୁରୁବାର ଛାତ୍ରଛାତ୍ରୀମାନେ ଟାୟାର ଜାଳି ଆନ୍ଦୋଳନ କରିବା ସହ କଲେଜରେ ଥିବା ଆସବାବପତ୍ର ଭଙ୍ଗାରୁଜା କରିଛନ୍ତି । ଘଟଣାସ୍ଥଳରେ ଉତେଜନା ଲାଗିରହିଥିବାବେଳେ ନିୟନ୍ତ୍ରଣ ପାଇଁ ପୁଲିସ ଫୋର୍ସ ମୁତୟନ କରାଯାଇଛି ।

ଶିକ୍ଷକ/ଶିକ୍ଷୟିତ୍ରୀଙ୍କୁ ରାଷ୍ଟ୍ର ନିର୍ମାଣ ସମ୍ମାନ ସମ୍ବର୍ଦ୍ଧନା

ଖୋର୍ଦ୍ଧା (ପିଏନ୍): ଖୋର୍ଦ୍ଧା ରୋଟାରୀ କ୍ଲବ ପକ୍ଷରୁ ରୋଟାରୀ ଭବନ ପରିସରରେ ଏକ ବର୍ଣ୍ଣାଢ଼୍ୟ ଉତ୍ସବରେ ଖୋର୍ଦ୍ଧା ଜେମାଦେଇ ଜୟୀ ରାଜଗୁରୁ ଉ.ପ୍ରା. ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁରେଶ ଚନ୍ଦ୍ର ବିଶ୍ୱାଳ ଓ ଖୋର୍ଦ୍ଧା ବ୍ଲକ ମଲ୍ଲିପୁର ଗ୍ରାମପଂଚାୟତ ରାମଚନ୍ଦ୍ରପୁର ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ବିନତୀ ମିଶ୍ରଙ୍କୁ ସେମାନଙ୍କ ଶିକ୍ଷାଦାନ, ଦାୟିତ୍ୱବୋଧ ଓ ସାମାଜିକ ପ୍ରତିବଦ୍ଧତା ବିଚାରକୁ ନେଇ ରାଷ୍ଟ୍ର ନିର୍ମାଣ ଶିକ୍ଷକ ସମ୍ମାନରେ ସମ୍ବର୍ଦ୍ଧତ କରାଯାଇଛି । ସଭା ଆରମ୍ଭରେ ସଭାପତି ସୌର୍ଯ୍ୟ ରଂଜନ ମହାନ୍ତି ସ୍ୱାଗତ ଭାଷଣ ଓ ପୂର୍ବତନ ସଭାପତି ଦେବ ପ୍ରସାଦ ମଜୁମଦାର ଅତିଥି ପରିଚୟ ଦେଇଥିଲେ । ଉତର ଓଡ଼ିଶା ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି ଓ ଶିକ୍ଷାବିତ୍ ସତ୍ୟବାଦୀ ବଳିଆରସିଂହ ସମାଜ ଗଠନରେ ଶିକ୍ଷକମାନଙ୍କ ବଳିଷ୍ଠ ଭୂମିକା ଉପରେ ଆଲୋକପାତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଜେନ୍ଦ୍ର ମହାନ୍ତି, ଡ. ନିରଞ୍ଜନ ମହାନ୍ତି, ସୁଶୀଳ ମହାନ୍ତି, ଇନ୍ଦ୍ରଜିତ୍ ପଟ୍ଟନାୟକ ପ୍ରମୁଖ ଶିକ୍ଷକଙ୍କ ଭୂମିକା ନେଇ ଆଲୋକପାତ କରିଥିଲେ । ମିହିର ନାରାୟଣ ନାୟକ ଧନ୍ୟବାଦ ଦେଇଥିଲେ ।

ସକଳ ତୀର୍ଥ ତୋ ଚରଣେ...

ପ୍ରାଚୀନ ବେଦାନ୍ତର ବ୍ରହ୍ମସୂତ୍ରଟି ହେଲା, "ଏକମ୍ ବ୍ରହ୍ମ, ଦ୍ୱିତୀୟ ନାସ୍ତି, ନେହ ନା ନାସ୍ତି କିଂଚନ ।"ଅର୍ଥାତ୍ ଏକ ମାତ୍ର ଈଶ୍ୱର ଅଛନ୍ତି, ଦ୍ୱିତୀୟ କେହି ନାହାନ୍ତି, ଟିକିଏ ବି ନାହାନ୍ତି । ପବିତ୍ର କୋରାନ କୁହେ, ଇସଲାମର ମୂଳମନ୍ତ୍ର ହେଲା "ଲା ଇଲାହା ଇଲ୍ଲାଲ୍ଲାଃ"ଅର୍ଥାତ୍ ଅଲ୍ଲାଃଙ୍କ ବ୍ୟତୀତ ଆଉ କେହି ଉପାସ୍ୟ ନାହାନ୍ତି । ଉପନିଷେଦରେ ଲେଖାଅଛି, "ଏକମେଦ ଦ୍ୱିତୀୟମ୍" ଅର୍ଥାତ୍ ପରମେଶ୍ୱର ଏକ ଏବଂ ଅଦ୍ୱିତୀୟ । ବାଇବେଲ କୁହେ, ହେ ଇସ୍ରାଇଲୀୟ ! ଶୁଣ, ପ୍ରଭୁ, ଆମମାନଙ୍କର ଈଶ୍ୱର ଏକମାତ୍ର ପ୍ରଭୁ ଅଟନ୍ତି । ପବିତ୍ର କୋରାନ ସ୍ପଷ୍ଟ ଭାବେ କୁହେ, "ହେ ମୁହମ୍ମଦ ତୁମେ କହିଦିଅ ! ସେ ଅଲ୍ଲାଃ ଏକ ଅଟନ୍ତି ।"

ଇସଲାମର ପାଂଚଗୋଟି ମୌଳିକ ନୀତି ମଧ୍ୟରୁ ହଜ୍ ଅନ୍ୟତମ । ହଜ୍ ଏକ ସୁସ୍ଥ, ନିର୍ମଳ ଓ ଶୁଦ୍ଧପୁତ ଉପାସନା । ହଜ୍ କରିବା ପାଇଁ ସୁସ୍ଥବାନ ହେବା, କୌଣସି ଭୟର ଶଂକା ନରହିବା, ଯାତ୍ରାରେ କୌଣସି ବାଧାବିଘ୍ନ ନଉପୁଯିବା ତଥା ପରିବାର ବର୍ଗଙ୍କ ପ୍ରତି ଥିବା ଦାୟିତ୍ୱ ଓ କର୍ତବ୍ୟକୁ ପୂରଣ କରି ହଜ କରି ଯିବା ଉଚିତ୍ । ପବିତ୍ର କୋରାନ ଅନୁସାରେ ମକ୍କା ସହରର କାବା ଉପାସନ ଗୃହ ଅଲ୍ଲାଃଙ୍କ ପାଇଁ ପୃଥିବୀ ପୃଷ୍ଠର ସର୍ବପ୍ରଥମ ଉପାସନା ଗୃହ ନିର୍ମିତ ହୋଇଥିଲା । ଏହା ପୁରାଣ ବର୍ଣ୍ଣିତ ଆଦ୍ୟ ଅବତାର 'ଆଦିତି'ବା ଆଦମଙ୍କ ଦ୍ୱାରା ନିର୍ମାଣ କରାଯାଇଥିଲା । ଏବଂ ତାଙ୍କ ବଂଶଧରମାନେ ଏହାକୁ ଏକ ଉପାସନା କେନ୍ଦ୍ର ଭାବରେ ବ୍ୟବହାର କରିଥିଲେ । ପରେ ପ୍ରାୟ ୪୦୦୦ବର୍ଷ ପୂର୍ବେ ହଜରତ ଅବ୍ରାହମ(ଇବ୍ରାହିମ) ନିଜ ପୁତ୍ର ଇସମାଇଲଙ୍କ ସହାୟତାରେ ଏହି ଗୃହର ଧ୍ୱଂସାବଶେଷର ପୁନଃନିର୍ମାଣ କରିଥିଲେ । ଷଷ୍ଠ ଶତାବ୍ଦୀରେ ହଜରତ ପୈଗମ୍ବର ମୁହମ୍ମଦ ସଲ୍ଲମ୍ମ ସମୟ କାଳରେ ଅଲ୍ଲାଃଙ୍କ

ନିର୍ଦ୍ଦେଶ କ୍ରମେ ପୁନର୍ବାର ଏହାକୁ ଉଦ୍ଧାର କରି ଏକେଶ୍ୱରବାଦର ଉପାସନା କରାଯାଇଥିଲେ । ଆଦିମ ମାନବ ଜାତିର ବିଚ୍ଛିନ୍ନତାବାଦୀ ଗୋଷ୍ଠୀ ସମୁହକୁ ପୁନଶ୍ଚ ଏକତା ଓ ବିଶ୍ୱ ଭ୍ରାତୃତ୍ୱର ବନ୍ଧନରେ ଆବଦ୍ଧ କରିଥିଲେ । ହଜରତ ମୁହମ୍ମଦ ସଲ୍ଲମ୍ମଙ୍କର ପରେ କାଳକ୍ରମେ ଇସଲାମର ଖଲିଫାଗଣ ଏବଂ ତାଙ୍କ ପରେ ମୁସଲମାନ ଶାସକମାନଙ୍କ ସେବା ଓ ଶାସନ ଦ୍ୱାରା ମକ୍କା ଏକ ସୁନ୍ଦର ଓ ଖୁବ ମନୋରମ ସହର ଭଳି ଗଢି ଉଠିଥିଲା ।

ପବିତ୍ର କୋରାନ ଶିକ୍ଷା ଅନୁଯାୟୀ ହଜ୍ କରିବା କେବଳ ମୁସଲମାନମାନଙ୍କ ପାଇଁ ନିର୍ଦ୍ଦିଷ୍ଟ କରାଯାଇ ନାହିଁ । ବରଂ ଯେକେହି ବ୍ୟକ୍ତି , ସେ ଯେ କୌଣସି ଧର୍ମାବଲମ୍ବୀ ହୋଇ ଥାଉ ନା କାହିଁକି , ସେହି ପୂଣ୍ୟପୀଠରେ ଦର୍ଶନ କରିବାକୁ ଇଚ୍ଛା କଲେ ସେ ସେଠାକୁ ଯିବା ପାଇଁ ଅନୁମତି ପାଇପାରିବ । ଇସଲାମ ସାର୍ବଜନୀନ ଧର୍ମ ଏବଂ ହଜ ମଧ୍ୟ ସାର୍ବଜନୀନ ଉପାସନା । ଏହା କୌଣସି ଜାତି, ଧର୍ମର ଭେଦଭାବ ରଖେ ନାହିଁ । ପୂର୍ବରୁ ଇହୁଦି ଓ ଜୋରାଷ୍ଟ୍ରିୟାନ ଆଦି ଧର୍ମାବଲମ୍ବୀ ସେଠାକୁ ଯାଇ ହଜ କରୁଥିଲେ । ଏପରି କି ମହିଳାମାନେ ଯାଇ ହଜ କରିବାର ଦୃଶ୍ୟ ମଧ୍ୟ ଦେଖାଯାଉଛି । କାରଣ ପବିତ୍ର କୋରାନରେ ଅଲ୍ଲାଃ ପୁରୁଷ ଜାତି ସହ ସ୍ତ୍ରୀ ଜାତିକୁ ମଧ୍ୟ ଉପାସନା କରିବା ପାଇଁ ସମାନ ଅଧିକାର ଦେଇଛି । ଏଥିରୁ ସ୍ପଷ୍ଟ ପ୍ରମାଣ ମିଳିପାରୁଛି କି ମୁସଲିମ ମହିଳାମାନେ ମଧ୍ୟ ଧର୍ମକର୍ମ ଏବଂ ନମାଜ ଓ ଉପାସନା ପାଇଁ ଉପାସନା ଗୃହ ମସଜିଦକୁ ଯାଇପାରିବେ । ପବିତ୍ର କୋରାନ କୁହେ 'ସର୍ବ ପ୍ରଥମ ଗୃହ, ଯାହା ସମସ୍ତଙ୍କ ଲାଭ ପାଇଁ

ନିର୍ମାଣ କରାଯାଇଛି, ତାହା ମକ୍କାରେ ଅବସ୍ଥିତ । ଏହି ଗୃହ ସମଗ୍ର ଜଗତ ପାଇଁ କଲ୍ୟାଣ ଦାୟକ ସ୍ଥାନ ଓ ସତ୍‌ପଥର ଉତ୍ସ । ଯେ କେହି ଏଥିରେ ପ୍ରବେଶ କରେ ସେ ସୁରକ୍ଷିତ ହୋଇଯାଏ । ଅଲ୍ଲାଃ ସେମାନଙ୍କ ପାଇଁ ଏହି ଗୃହକୁ ହଜ ଯାତ୍ରାରେ ଆସିବା ବିଧେୟ କରିଛନ୍ତି ।'

ଏହି ଉପାସନା ଗୃହ କାବାକୁ ଆରବୀ ଭାଷାରେ 'ବୈତୁଲ୍ଲାଃ'ବା ଐଶ୍ୱରିକଙ୍କର ଗୃହ ଇକ୍ଷକ୍ଷବକ୍ଷ କୁହନ୍ତି । ଏହାର ଗଠନ ଶୈଳୀ ଅତି ସାଧାରଣ । ଚାରି କୋଣିଆ ବର୍ଗାକାର ପଥର ଘରଟିଏ । ଉଚ୍ଚତା ୧୫.୨୫ ମିଟର । ଏହି ଶାଶ୍ୱତ ବାଣୀ ମାଧ୍ୟମରେ ଅଲ୍ଲାଃ ଘୋଷଣା କରିଛନ୍ତି, ସାର୍ବଜନୀନ ଭାବେ ଯେ କେହି ଏହି ବୈତୁଲ୍ଲାଃର ଦର୍ଶନ ଲାଭ କରିବାକୁ ଆସିବ, ସେ ଶାନ୍ତି ଓ ନିରାପତା ବଳୟ ମଧ୍ୟରେ ଆସିଯିବ । ମନରେ ଆତ୍ମାଗ୍ଲାନୀ ବା ପୂର୍ବକୃତ ପାପର ଅନୁଶୋଚନା ରହିବ ନାହିଁ । ଯେ କେହି ବି ସେହି ପୀଠର ପରିକ୍ରମା କରିବ, ସେ ଦିବ୍ୟଶକ୍ତି ପ୍ରାପ୍ତ ହେବ । ଏହି ମହିମା ପୀଠ ମକ୍କା ସହରକୁ ଉମ୍ମୁଲ୍ କୁରା ଅର୍ଥାତ୍ ସହରର ମାଁ କୁହାଯାଏ । ଏହା ପୃଥିବୀର ଏପରି ଏକ ପବିତ୍ର ସ୍ଥାନ ଯେଉଁ ଠାରେ ଅହର୍ନିଶୀ ଚବିଶ ଘଂଟା ଉପାସନା କରାଯାଉଛି । ପୃଥିବୀ ପୃଷ୍ଠରେ ଅସଂଖ୍ୟ ପୁରାତନ କିର୍ତୀ ଓ ସହର ନିଶ୍ଚିହ୍ନ ହୋଇଯାଇ ଥିଲେ ମଧ୍ୟ କାବା ଓ ମକ୍କା ସହର ଅଦ୍ୟାବଧି ସେହିପରି ବିଦ୍ୟମାନ ଥାଇ ନିଜ ନିରାପତାର ଘୋଷଣା କରୁଛି ।

ଇସଲାମୀୟ ଦର୍ଶନ ଅନୁଯାୟୀ ମସଜିଦରେ ଅନ୍ୟ ଯେକୌଣସି ଧର୍ମାବଲମ୍ବୀ ଲୋକେ ନିଜ ପଦ୍ଧତିରେ ଉପାସନା କରିପାରିବେ । କାରଣ ଦିବ୍ୟ ଅବତାର ପୈଗମ୍ବର ହଜରତ ମୁହମ୍ମଦ ସଲ୍ଲମ୍ମ ମଦିନାର ଏକ ମସଜିଦରେ ଇହୁଦିଙ୍କୁ ଉପାସନା କରିବା ପାଇଁ ଅନୁମତି ପ୍ରଦାନ କରିଥିଲେ । ଏହି କାରଣରୁ ପରମେଶ୍ୱର ଧର୍ମ ସଂକୀର୍ଣ୍ଣତାକୁ ପରିହାର କରି ସମଗ୍ର ମାନବ ଜାତି ପାଇଁ ହଜ ଯାତ୍ରାକୁ ସାଧାରଣ କରିଦେଇଛନ୍ତି । ପବିତ୍ର କୋରାନରେ 'ସକଳ ମାନବ'କହି ସବୁ ଲୋକଙ୍କ ପାଇଁ ସେ ଉପାସନା ଗୃହ ଉନ୍ମୁକ୍ତ ବୋଲି କୁହାଯାଇଛି ।

ଏହି ପରିପ୍ରେକ୍ଷୀରେ ଏତିକି କୁହାଯାଇ ପାରେ କି ଯେ, ସାମ୍ପ୍ରଦାୟିକତା ଓ ମୌଳବାଦକୁ ସମାପ୍ତ କରି ପବିତ୍ର କୋରାନ ଶିକ୍ଷା ଦୃଷ୍ଟିରୁ କାବାର କଲ୍ୟାଣ , ହଜ୍‌ର ଉଦ୍ଦେଶ୍ୟ ତଥା ମହତ୍ୱକୁ ଜନସାଧାରଣଙ୍କ ହିତ ପାଇଁ ପ୍ରଚଳନ କରିବା ଉଚିତ୍ । ଅଯଥା କଟକଣା ଲାଗୁ କରିବା ଏବଂ ହଜ୍ ପରି ମହାପୂଣ୍ୟ କାର୍ଯ୍ୟରେ ପ୍ରତିବନ୍ଧ ସୃଷ୍ଟି କଲେ ମାନବିକତା କ୍ଷୁର୍ଣ୍ଣ ହେବ । ସେ ଗୃହର ପ୍ରାଣକେନ୍ଦ୍ର ସମଗ୍ର ଜୀବ ଜଗତ ପାଇଁ ଚରମୋନ୍ନତିର ମାର୍ଗସ୍ଥଳୀ - ଈଶ୍ୱରଙ୍କ କରୁଣାର ଉତ୍ସ । ହଜ୍‌ର ମହାନ ପରମ୍ପରା ନିଶ୍ଚିତ ଭ୍ରାତୃତ୍ୱର ବନ୍ଧନରେ ବିଶ୍ୱକୁ ପରିବେଷ୍ଟନ କରି 'ବସୁଧୈବ କୁଟୁମ୍ବକମ'ର ଭାବ ଉଦ୍ରେକ କରିବାରେ ସହାୟକ ହେବ । ମଦିନାବାସୀଙ୍କ ଉଦ୍ଦେଶ୍ୟରେ ଆମ୍ଭମାନଙ୍କର 'ସଲାମ'ର ବାର୍ତା ବହନ କରି ଯାଇଥିବା ହାଜୀମାନଙ୍କୁ ସେଠାରୁ ସର୍ବ କୁଶଳରେ ନିରାପଦ ସହ ଫେରାଇ ଆଣନ୍ତୁ । ସେମାନଙ୍କ ଯାତ୍ରା ମଙ୍ଗଳମୟ ହେଉ । ଏହା ହିଁ ଆମର ଅଲ୍ଲାଃଙ୍କ ନିକଟରେ ପ୍ରାର୍ଥନା ।

ମୌଲାନା ଫଜଲ ହକ ଖାଁ, ଭୁବନେଶ୍ୱର, ୟୁନିଟ-୪, ମୋ: ୯୬୯୨୨୨୫୦୫୭

ପ୍ରଜାପିତା ବ୍ରହ୍ମାକୁମାରୀଙ୍କ ଦ୍ୱାରା ଜଳ ସଂରକ୍ଷଣ ଓ ପରିବେଶ ସୁରକ୍ଷା

ଭୁବନେଶ୍ୱର (ପିଏନ୍): ବୃକ୍ଷରୋପଣ ଦ୍ୱାରା ପରିବେଶ ସୁସ୍ଥ ରହିବା ସ

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪



ଭୁବନେଶ୍ୱର, ୨୦୧୯, ସେପ୍ଟେମ୍ବର ୨୩

ମୁଣ୍ଡବ୍ୟଥାର କାରଣ !

ବିକାଶ ପଥରେ ବିଶ୍ୱ ଅଗ୍ରସର ହେଉଥିବା ବେଳେ ଅନେକ କାରଣ ବିଶ୍ୱ ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟିଛି । ମୋଟାମୋଟି ଯେତିକି ମୁଣ୍ଡବ୍ୟଥାର କାରଣ ରହିଛି ସେଥିମଧ୍ୟରୁ ପ୍ରାୟତଃ କାରଣର କାରକ ହେଲା ପ୍ରଦୂଷଣ । ଆମେ ଅନେକ ଥର ଏହି ଅଗ୍ରଲେଖରେ ପ୍ରଦୂଷଣ ପାଇଁ ଚିନ୍ତା ପ୍ରକଟ କରି ଅନେକ ଲେଖା ଲେଖିଛୁ । ତେବେ ଯେଉଁ ମାତ୍ରାରେ ପ୍ରଦୂଷଣ ବଢି ଲାଟିଛି, ସେହି ମାତ୍ରାରେ ଲୋକେ ସଚେତନ ହେଉନାହାନ୍ତି ବୋଲି କହିଲେ କିଛି ଭୁଲ୍ ହେବ ନାହିଁ । ଆମେ ବାରମ୍ବାର ଏହି କଥା ଲେଖିବା ପାଇଁ ଚାହୁଁ କି ଲୋକେ ଅନ୍ତତଃ କିଛି ପରିମାଣରେ ସଚେତନ ହୋଇଯାଆନ୍ତୁ । ଶବ୍ଦ ପ୍ରଦୂଷଣ ଦିନକୁ ଦିନ ଏତେ ମାତ୍ରାରେ ବଢିଗଲାଣି, ସେଥିପ୍ରତି ସଚେତନ ନହେଲେ, ସଚେତନ ହୋଇ ପ୍ରତ୍ୟେକ ଲୋକ ଯଦି କାମ ନ କରନ୍ତି ତେବେ ପୃଥିବୀ ପାଇଁ ଏକ ବଡ ବିପଦ ହୋଇଯିବ । ଆମେ କେବଳ ଆମ ଆଖପାଖକୁ ଟିକେ ନିରିଖେଇ ଦେଖିବା ତେବେ ଆମେ ଶବ୍ଦ ପ୍ରଦୂଷଣ କରି ବିଶ୍ୱ ପ୍ରତି କେତେ ଅବହେଳା କରୁଛେ ତାହା ଜାଣିପାରିବା । ସବୁ ପର୍ବପର୍ବାଣୀରେ ବାଣ, ବାଜା, ଡିଜେ ଏବଂ ଅନେକ ଉଚ୍ଚ ଶବ୍ଦସଂପନ୍ନ ଯନ୍ତ୍ରପାତି ବ୍ୟବହାର କରୁଛେ । ତାହା ପୁଣି ସାଧାରଣ ଭାବେ ନୁହେଁ, କାନକୁ ତାବ୍ଟା କଲା ଭଳି ଉଚ୍ଚ ଶବ୍ଦ ସୃଷ୍ଟି କରୁଥିବା ଯନ୍ତ୍ରପାତି ମାଧ୍ୟମରେ । ପ୍ରତ୍ୟେକ ପର୍ବପର୍ବାଣୀ ଏବଂ ଉତ୍ସବାଦିରେ ବାଜାବାଣ ଓ ଅନେକ ଉଚ୍ଚ ଶବ୍ଦ ଆମେ ସୃଷ୍ଟି କରୁଛେ । ସେହିପରି ବେଳେବେଳେ ଆମେ ଯେଭଳି ମାତ୍ରାରେ ସଙ୍ଗୀତାଦି କାର୍ଯ୍ୟକ୍ରମ ଆୟୋଜନ କରୁଛେ ସେଥିର ଶବ୍ଦ କେବଳ ଅରୁଚିକର ପରିସ୍ଥିତି ସୃଷ୍ଟି କରୁଛି । ବୋଧଗମ୍ୟ ତ' ଦୂରର କଥା । ଅନ୍ୟପଟେ ସହରମାନଙ୍କରେ ଯାନବାହନ ଚଳାଚଳ ଦ୍ରୁତ ଗତିରେ ବୃଦ୍ଧି ପାଇବାରେ ଲାଗିଛି । କାର୍, ଟ୍ରକ୍, ଟ୍ରାକ୍ଟର, ବସ୍, ମିନି ବସ୍, ମଟର ସାଇକେଲ୍, ସ୍କୁଟର୍ ଇତ୍ୟାଦି ଯାନବାହନଗୁଡ଼ିକ ହର୍ଣ୍ଣ ବଜେଇବାଠାରୁ ଆରମ୍ଭକରି ଯାନବାହନ ଚାଲିବାର ଶବ୍ଦ, ଆକାଶରେ ଅତି ପାଖରେ ଉଡୁଥିବା ଜେଟ୍ ପ୍ଲେନ୍, ହେଲିକେପ୍ଟର୍, ବିଭିନ୍ନ ସ୍ଥାନରେ ବାଜୁଥିବା ଲାଉଡ୍ ସ୍ପିକର୍ ଇତ୍ୟାଦି ପରିବେଶକୁ ଆହୁରି ଉତ୍କଟ କରୁଛି । ଫଳରେ ସହରାଞ୍ଚଳରେ ବସବାସ କରୁଥିବା ଲୋକେ ବିଭିନ୍ନ ପ୍ରକାର ମାନସିକ ଓ ଶାରିରୀକ ରୋଗରେ ପୀଡ଼ିତ ହୁଅନ୍ତି । ସେହିପରି ସହରଗୁଡ଼ିକରେ ଦିନରାତି ଲାଗି ବହୁତଳ ପ୍ରାସାଦ ନିର୍ମାଣରେ ବ୍ୟବହୃତ ଯନ୍ତ୍ରପାତିରୁ ଯେଉଁ ଶବ୍ଦ ସୃଷ୍ଟିହୁଏ ତାହା ମଧ୍ୟ ଅତ୍ୟନ୍ତ ଅସହ୍ୟକର । ଶବ୍ଦ ପ୍ରଦୂଷଣ ଶରୀର ଉପରେ ଅନେକ କୁପ୍ରଭାବ ପକେଇଥାଏ । ଏହା ମାନସିକ ସ୍ତରରେ ଚାପ ସୃଷ୍ଟି କରିବା ସହ ଉଦ୍‌ବେଗ ଓ ନିଦ୍ରାହୀନତାର କାରଣ ହୋଇଥାଏ । କାନକୁ ଶୁଣା ନଯିବା, ଭଲ କଥା ନ କହିପାରିବା, ଉଚ୍ଚ ରକ୍ତଚାପ ବଢ଼ାଇବା ଓ ହୃଦ୍‌ରୋଗର ମଧ୍ୟ କାରଣ ହୋଇଥାଏ । ଏହା ମଧ୍ୟ ଦେଖାଯାଇଛି ବଡ଼ ବଡ଼ ସହରମାନଙ୍କରେ ମାନସିକ ରୋଗୀ ବଢ଼ିବା ସହ ଆତ୍ମହତ୍ୟାପ୍ରବଣତା ବୃଦ୍ଧି ପାଇଛି । ଏଥିରୁ ଦିଲ୍ଲୀ, ବମ୍ବେ, ଲକ୍ଷ୍ନୌ, କଲିକତା, ବେଙ୍ଗାଲୁରୁ ଭଳି ସହର ଆଗରେ ଅଛନ୍ତି । ସେଥିପାଇଁ ଏପରି ଜନଗହଳିପୂର୍ଣ୍ଣ ସହରଗୁଡ଼ିକରେ ମାନସିକ ରୋଗୀଙ୍କ ସଂଖ୍ୟା କ୍ରମଶଃ ବଢ଼ିବାରେ ଲାଗିଛି । ପୃଥିବୀରେ ଅନେକ ସହର ଅଛି ଯେଉଁଠି ଗାଡ଼ିଗୁଡ଼ିକରେ ହର୍ଣ୍ଣ ବଜେଇବା ନିଷିଦ୍ଧ କରାଯାଇଛି । ଆଉ କେତେକ ଦେଶରେ ଦିନ ବେଳେ ଏକ ଘଣ୍ଟା ନୀରବତା ଅବଲମ୍ବନ କରିବା ପାଇଁ ନିର୍ଦ୍ଦେଶ ରହିଛି । କିନ୍ତୁ ଆମ ଦେଶରେ ଟ୍ରକ୍, ବସ୍‌ଗୁଡ଼ିକରେ ବିଭିନ୍ନ କର୍କଶ ଶବ୍ଦ ସୃଷ୍ଟି କରୁଥିବା ହର୍ଣ୍ଣମାନ ଲଗାଯାଉଛି । ଏହା ବିରୁଦ୍ଧରେ ସରକାରୀ ନିର୍ଦ୍ଦେଶ ଥିଲେ ମଧ୍ୟ କେହି ତାହାକୁ ପାଳନ କରୁନାହାନ୍ତି । ଏବେ ସମୟ ଆସିଛି ଶବ୍ଦ ପ୍ରଦୂଷଣ ନକରିବା ପ୍ରତି ଆମେ ସଚେତନ ହୋଇଯିବା, ସାବଧାନ ହୋଇଯିବା । ନଚେତ୍ ପରିସ୍ଥିତି ଆହୁରି ସାଙ୍ଘାତିକ ହୋଇଯିବ ।

ଆଜିର ଅନୁଚିନ୍ତା

ଜୀବନର ଲକ୍ଷ୍ୟ ଇନ୍ଦ୍ରିୟ ତୃପ୍ତି ନୁହେଁ, ଆତ୍ମତୃପ୍ତି ।

ସଂଯମ-ସଦାଚାର

ଜୀବନରେ ସଂଯମ ଓ ସଦାଚାରର ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ । ଏହା ଉଚ୍ଚ ନୈତିକ ଚିନ୍ତାଧାରାର ଜନ୍ମଦାତା, ଯାହାର ଅଭାବରେ ମଣିଷ ସୁଅ ମୁହଁର ପତର ଭଳି ଭାସିଯାଇଥାଏ । ସଂଯମ ଓ ସଦାଚାର ନେଇ ନିମ୍ନୋକ୍ତ ପ୍ରସଙ୍ଗ । ସିକାଗୋ(ଆମେରିକା) ବିଶ୍ୱ ଧର୍ମସମ୍ମିଳନୀରୁ ଫେରିବା ବାଟରେ ଧର୍ମପ୍ରଚାର ଉଦ୍ଦେଶ୍ୟରେ ସ୍ୱାମୀ ବିବେକାନନ୍ଦ ଫ୍ରାନ୍ସରେ ପହଞ୍ଚିଲେ । ପାଶ୍ଚାତ୍ୟ ସଂସ୍କାରଯୁକ୍ତ ଏକ ସଂଭ୍ରାନ୍ତ ପରିବାରର ଜନୈକା ଫ୍ରାନ୍ସ ଯୁବତୀ ସ୍ୱାମିଜୀଙ୍କ ବ୍ୟକ୍ତିତ୍ୱ ତଥା ତେଜସ୍ୱିତାରେ ମୁଗ୍ଧ ହୋଇ ତାଙ୍କୁ ଏକାନ୍ତରେ ସାକ୍ଷାତ କରିବାକୁ ସମୟ ମାଗିଲେ । ସାକ୍ଷାତର ଅନୁମତି ପାଇବା ପରେ ଅତି ଆଶ୍ଚର୍ଯ୍ୟଜନକ ଭାବେ ସ୍ୱାମିଜୀଙ୍କୁ ବିବାହ କରିବା ନିମନ୍ତେ ନିଜର ଇଚ୍ଛା ପ୍ରକାଶ କଲେ । ସ୍ୱାମିଜୀ ଯୁବତୀଙ୍କ ଏଭଳି ଏକ ଅବିବେକିତାପୂର୍ଣ୍ଣ ଓ ଦୁଃସାହସରେ ଆଶ୍ଚର୍ଯ୍ୟ ହୋଇଗଲେ । ତେବେ ନିଜର ପ୍ରତିକ୍ରିୟାକୁ ଚାପି ରଖି ଧୈର୍ଯ୍ୟ, ସଂଯତ ଭାବରେ ଯୁବତୀଙ୍କୁ ପ୍ରଶ୍ନ କଲେ- ମୋତେ କାହିଁକି ବିବାହ କରିବାକୁ ଚାହୁଁଛନ୍ତି ? ମୁଁ ଆପଣଙ୍କ ଭଳି ତେଜସ୍ୱୀ, ଅପୂର୍ବ ବ୍ୟକ୍ତିତ୍ୱସଂପନ୍ନ ପୁଅଟିଏ ଚାହୁଁଛି-ଯୁବତୀ କହିଲେ । ଏହା ଶୁଣିବାମାତ୍ରେ ସ୍ୱାମିଜୀ କହିଲେ-'ଆପଣ ତ', ମୋତେ ପୁଅ ବୋଲି ସ୍ୱୀକାର କରିସାରିଲେଣି । ଏହି ଦୃଷ୍ଟିରୁ ମୋର ମା' ଅଟନ୍ତି ।' ଏହା ଶୁଣିଲାମାତ୍ରେ ଯୁବତୀ ହତବାକ୍ ହୋଇଗଲେ । ସ୍ୱାମିଜୀଙ୍କ ଏହି ଉକ୍ତିରେ ତାଙ୍କର ଆଖି ଖୋଲିଗଲା । ଭାରତୀୟ ସଂସ୍କୃତିର ଉଚ୍ଚ ଆଦର୍ଶବୋଧ, ନୈତିକତା ନିକଟରେ ନତଃମସ୍ତକ ହେବାସହ ସ୍ୱାମିଜୀଙ୍କୁ ଶ୍ରଦ୍ଧାପୂର୍ବକ ପ୍ରଣାମ କଲେ । ଭାରତବର୍ଷର ଏହି ତପୋନିଷ୍ଠ ସନ୍ଥ ନିଜ ଉଚ୍ଚ ବିଚାରବୁଦ୍ଧି, ନୈତିକତା ଉଚ୍ଚ ବିଚାରଧାରା ମାଧ୍ୟମରେ ଆଧ୍ୟାତ୍ମିକ କ୍ଷେତ୍ରରେ ଏକ ମହାନ ପରିବର୍ତ୍ତନ ଆଣିବାରେ ସକ୍ଷମ ହୋଇଥିଲେ । ଆଦର୍ଶବାଦୀ ଚିନ୍ତାନାୟକ, ମହାମନୀଷୀମାନଙ୍କର ଉପଦେଶ ଏହିଭଳି ଅମୂଲ୍ୟ ହୋଇଥାଏ ସର୍ବଦା । ଜୀବନରେ ସଂଯମ ଓ ସଦାଚାରର ମହତ୍ତ୍ୱ ଢେର ଅଧିକ । ମର୍ଯ୍ୟାଦାହୀନ, ଉଚ୍ଛୃଙ୍ଖଳ ଜୀବନ ନୈତିକ ଏବଂ ଚାରିତ୍ରିକ ସ୍ଖଳନ ପଥରେ ନେଇଯାଇଥାଏ । ସାଂପ୍ରତିକ ସମୟରେ ଧନର ମହତ୍ତ୍ୱ ବଢ଼ିବାସହ ଜୀବନର ପ୍ରତିସ୍ତରରେ ବିଳାସିତା ବଢ଼ିଚାଲିଛି, ଯାହା ନୈତିକ ଅବକ୍ଷୟ ବୃଦ୍ଧିର ମୁଖ୍ୟ କାରଣ ହୋଇ ଉଭା ହୋଇଛି । ଏହି କାରଣରୁ ଧର୍ମ ପରିବର୍ତ୍ତେ ଅଧର୍ମ ବଢୁଛି । ଉପଭୋକ୍ତାବାଦୀ ସଂସ୍କୃତିର ଦ୍ରୁତବିକାଶ ହେଉଛି, କିନ୍ତୁ ବ୍ୟକ୍ତିଗତ ଭାବରେ ଚରିତ୍ର ନିର୍ମାଣ ଦିଗରେ ଆଦୌ ଧ୍ୟାନ ଦିଆଯାଉନାହିଁ । ଭୋଗବାଦୀ ସଂସ୍କୃତି ସମ୍ପୂର୍ଣ୍ଣ ବିଶ୍ୱର ବାତାବରଣକୁ ବଦଳାଇ ଦେଇଛି । ଫଳରେ ସାଧାରଣ ଜୀବନ ବିଶୃଙ୍ଖଳିତ ହେବାସହ ମାନବୀୟ ମୂଲ୍ୟବୋଧର ଅବକ୍ଷୟ ଘଟିଛି । ଏହାର ଫଳସ୍ୱରୂପ ନାନାଦି ବ୍ୟାଧି, ବ୍ୟଭିଚାର, ହିଂସା, ବିଳାସିତା ଏବଂ ସଂସ୍କାରହୀନତା କ୍ରମଶଃ ବଢ଼ିବାରେ ଲାଗିଛି । ଏଭଳି ସ୍ଥିତିରେ ନୀତି, ଆଦର୍ଶରେ ଅନୁପ୍ରାଣିତ ହୋଇ ବର୍ତ୍ତମାନର ଜୀବନକୁ ସୁସଂସ୍କାରସଂପନ୍ନ ଓ ସମୁନ୍ନତ କରିବା ନିମନ୍ତେ ପ୍ରଚାର ହେବା ଆବଶ୍ୟକ । ଏହାଫଳରେ ଜୀବନ ଉଦ୍‌ବେଗହୀନ, ଶାନ୍ତିପୂର୍ଣ୍ଣ ତଥା ଆନନ୍ଦମୟ ହେବ ।

ଆଧ୍ୟାତ୍ମିକ ଶିକ୍ଷଣ ସ୍ତମ୍ଭ

କଳ୍ପବଟ

ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ । ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉତ୍‌ସୁକ । ଇ-ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ ।

E-mail: editorpbkc@gmail.com
9853400829 (M), Fax: 0674-2550504

ଆଜିର କଳୁଷିତ ରାଜନୀତି ଓ ବିପର୍ଯ୍ୟସ୍ତ ନେତା

ଉମାଶଙ୍କର ପ୍ରସାଦ

"ଯଦ୍‌ଯଦା ଚରତି ଶ୍ରେଷ୍ଠସ୍ତ/ଦେବୋତରୋ ଜନଃ/ସଯତ୍ ପ୍ରମାଣଂ କରୁତେ/ ଲୋକସ୍ତଦନୁ ବର୍ତତେ ।" (ଗୀତା)

ଭଗବାନ ଲୀଳା ପୁରୁଷୋତମ କୃଷ୍ଣ ଅର୍ଜୁନକୁ ଉପଦେଶ ମାଧ୍ୟମରେ କହୁଛନ୍ତି, ହେ ଅର୍ଜୁନ ଦେଶ ତଥା ସମାଜରେ ଶ୍ରେଷ୍ଠ, ବିଶିଷ୍ଟ ଓ ସମ୍ମାନାସ୍ପଦ ମୁରବୀ ବା କ୍ଷମତାରୁଢ଼ ବ୍ୟକ୍ତିତ୍ୱମାନେ ଯେଉଁ ଆଚରଣ କରନ୍ତି ଏବଂ ସେ ଯାହା କିଛି ପ୍ରମାଣ କରି ଦିଅନ୍ତି ସମସ୍ତ ସମାଜ ଓ ସାଧାରଣ ଲୋକମାନେ ତାହା ଠିକ୍ ବୋଲି ଭାବି ଅନୁସରଣ ଓ ଅନୁକରଣ କରିଥା'ନ୍ତି ।

ଏହି ପରିପ୍ରେକ୍ଷୀରେ ବିଚାର କଲେ ଆଜିକାର ନେତା, ପ୍ରତିନିଧି, ବିଧାୟକ, ସାଂସଦ, ମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ପ୍ରଧାନମନ୍ତ୍ରୀ ଏହିମାନେ ହିଁ ସମାଜର ଶ୍ରେଷ୍ଠ ଓ ବିଶିଷ୍ଟ ବ୍ୟକ୍ତିତ୍ୱ ବୋଲି ଧରିନିଆଯାଏ । ଏହି ମହାନୁଭବମାନଙ୍କର ଆଚରଣ, ଉଚ୍ଚାରଣ, କଥନିକରଣୀ, କାର୍ଯ୍ୟପଦ୍ଧତି, ବ୍ୟବହାର, ପ୍ରଶାସନିକ ଦକ୍ଷତା, ବିଚାରଶୈଳୀ, ସାମାଜିକ ନ୍ୟାୟ, ଅର୍ଥନୈତିକ ସିଦ୍ଧାନ୍ତ ଓ ବିକେନ୍ଦ୍ରୀକରଣ କ୍ଷମତା ଓ ପଦର ପ୍ରୟୋଗ, ଶିକ୍ଷା, ସଂସ୍କୃତି, ସ୍ୱାସ୍ଥ୍ୟ, ପାଣି, ବିଜୁଳି, ରାସ୍ତା ଆଦିର ଯୋଜନା ପ୍ରକ୍ରିୟାର ପ୍ରଭାବ ଜନସମାଜକୁ ପ୍ରଭାବିତ କରିଥାଏ । ଏହାର ମୁଖ୍ୟ କାରଣ ହେଲା ବସ୍ତୁବାଦୀ ପଶ୍ଚିମୀ ସଭ୍ୟତାର ପ୍ରଭାବ ।

ଜଣେ ବ୍ୟକ୍ତି ଯେତେ କଳୁଷିତ, ଦୁର୍ନୀତିଯୁକ୍ତ, ଭ୍ରଷ୍ଟାଚାରୀ, ଚରିତ୍ରହୀନ ହୋଇଥିଲେ ମଧ୍ୟ ଥରେ ବିଧାୟକ, ସାଂସଦ ଓ ମନ୍ତ୍ରୀ ହୋଇଗଲେ ସାମ୍ପ୍ରତିକ ବୁଦ୍ଧିଭ୍ରଷ୍ଟ ଜନତା ଉପରିସ୍ଥ ପମ୍ପା ଉପଢ଼ୌକନରେ ଆଚ୍ଛାଦିତ ଏହି ଅନ୍ତଃସାରଶୂନ୍ୟ, ମେରୁଦଣ୍ଡହୀନ ସରୀସୃପମାନଙ୍କୁ ସମସ୍ତ ଲଘୁ ବୃହତ୍ ଆଡ଼ମ୍ବର ବା କାର୍ଯ୍ୟକ୍ରମରେ ସାମିଲ କରି ସେହିମାନଙ୍କୁ ବିଶିଷ୍ଟ ପୁରୋଧା ଭାବେ ଗ୍ରହଣ କରିନିଅନ୍ତି । ତେଣୁ ଯେକୌଣସି ଉପାୟରେ ଅର୍ଥକ୍ଷମତାର ଅଧିକାରୀ ହୋଇଗଲେ ତଥାକଥିତ ସମାଜ ମୂଲ୍ୟବୋଧ ସହିତ ସେହି କ୍ଷମତାସୀନ ବ୍ୟକ୍ତିଙ୍କୁ ଅଭିନନ୍ଦିତ କରିଥାନ୍ତି । ଏଥିପାଇଁ ସମାଜରେ ଥିବା ଆଦର୍ଶବାଦୀ ନୀତି ସିଦ୍ଧାନ୍ତରେ ଅନୁପ୍ରାଣିତ ବ୍ୟକ୍ତିମାନେ ଅପାଂକ୍ତେୟ ହୋଇଯାଆନ୍ତି । ସମାଜର ଭିତିଭୂମି ଦୋହଲିଯାଏ । ରୁଗ୍ଣ ସମାଜରେ ନୀତିହୀନ ନେତୃତ୍ୱ ଯୋଗୁ ବ୍ୟଭିଚାର ଅନାଚାରରେ ସାମାଜିକ ବ୍ୟବସ୍ଥା କଳୁଷିତ ହୋଇପଡ଼େ । ଯାହା ଆଜି ଭାରତରେ ଓ ଓଡ଼ିଶାରେ ପରିଲକ୍ଷିତ ହେଉଛି ।

ଯଦି ଆମେ ଐଶ୍ୱର୍ଯ୍ୟଶାଳୀ ଏଇ ଭାରତବର୍ଷର ସଂସ୍କୃତି ପରମ୍ପରାକୁ ସିଂହାବଲୋକନ କରିବା ଏହା ସୁସ୍ପଷ୍ଟ ଯେ ସ୍ୱର୍ଣ୍ଣଲଙ୍କାର ଅଧିଶ୍ୱର ରାବଣ ପୂଜ୍ୟପୂଜାର ଅଧିକାରୀ ହୋଇଥିଲା ମାତ୍ର ବଲ୍କଳଧାରୀ ବନବାସୀ ମର୍ଯ୍ୟାଦା ପୁରୁଷୋତମ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କୁ ଏ ସଂସ୍କୃତି ସମସ୍ତ ଭକ୍ତି, ନୈବେଦ୍ୟ ଶ୍ରଦ୍ଧା ସୁମନ ଅର୍ପଣ କରିଆସୁଛି । ଏହି ପରିପ୍ରେକ୍ଷୀରେ ଆୟାନୀ, ମିତଲ, ପୁଟିନ, ବୁଶ୍ ବା ମନମୋହନ ସିଂହକୁ ସାମୟିକ ସମ୍ମାନ ଦିଆଯାଇଥିଲେ ମଧ୍ୟ ମହାତ୍ମାଗାନ୍ଧୀ, ଉତ୍କଳମଣି ମଧୁସୁଦନଙ୍କୁ ଏ ଜାତି ସର୍ବଦା ଅନ୍ତରରେ ବିନମ୍ର ଶ୍ରଦ୍ଧାଞ୍ଜଳି ଦେଇ ଆସୁଛି । ଏଥିରୁ ସ୍ପଷ୍ଟ ପ୍ରତୀୟମାନ ହୁଏ ଯେ, ଭାରତର ମୂଲ୍ୟବୋଧ, ଆଦର୍ଶ ସଂସ୍କୃତି ପରମ୍ପରା ତଥାପି ଅସ୍ପଷ୍ଟ ଭାବେ କେଉଁଠି ନା କେଉଁଠି ମୁଷ୍ଟିମେୟ ଜନସମୁଦାୟଙ୍କ ମଧ୍ୟରେ ଉଜ୍ଜୀବିତ ରହିଛି ।

ଗୃହର ଅଭିଭାବକ, ମୁରବୀ ଯଦି ଅପସଂସ୍କୃତିରେ ବୁଡ଼ିରହି ବିଦେଶୀ ସଂସ୍କୃତିରେ ନିଜର ଅସ୍ତିତ୍ୱକୁ ହଜାଇଦେଲା, ତେବେ ସନ୍ତାନସନ୍ତତି ଉପରେ ସେ ଦେଉଥିବା ସଂସ୍କୃତି, ଆଦର୍ଶ, ମୂଲ୍ୟବୋଧ, ଚରିତ୍ର ଆଦି ଉପଦେଶ ଯେପରି ଫଳପ୍ରଦ ହୋଇ ନ ଥାଏ, ଠିକ୍ ସେହିପରି ରାଜନେତାମାନଙ୍କ ଜୀବନ ପଦ୍ଧତି, ଆଚରଣ ଶୈଳୀ ଜନସମାଜରେ କୁପ୍ରଭାବ ପକାଇଥାଏ ଏବଂ ତାଙ୍କର ଉପରଠାଉରିଆ ହାଲ୍‌କା ନୀତି ଆଦର୍ଶ କଥା ଲୋକଙ୍କ ମନକୁ ସ୍ପର୍ଶ କରିପାରେନା, ଏଣୁ କଥନି ଓ କରଣୀର ସମନ୍ୱୟତା ଆବଶ୍ୟକ । ଅଦ୍ୟାବଧି ରାଜ୍ୟ ଶାସନ ପ୍ରଣାଳୀ ପାଇଁ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ଶାସନରେ ବର୍ଣ୍ଣନା ଜନମତ ଉର୍ଦ୍ଧ୍ୱରେ ସ୍ୱୀକୃତ ସମ୍ମାନ ପାଇବା ସଙ୍ଗେ ସଙ୍ଗେ ଚିରନ୍ତନ ହୋଇରହିଛି । ଆଜି ମଧ୍ୟ ରାଜନେତା ମର୍ଯ୍ୟାଦା ପୁରୁଷୋତମ ରାମଚନ୍ଦ୍ରଙ୍କ ଜୀବନଦର୍ଶନକୁ ପାଥେୟ କରି ଜନସାଧାରଣଙ୍କୁ ପ୍ରଲୋଭିତ କରିଥାନ୍ତି । କିନ୍ତୁ ରାମରାଜ୍ୟର ଢିଣ୍ଡିମ ପିଟୁଥିବା ରାଜନେତାମାନେ ଆଦର୍ଶ ଜୀବନ ସଂସ୍କାରିତ ନୀତି, ସ୍ୱଚ୍ଛ ଶୁଦ୍ଧ ଗରିମା ବହନକାରୀ ନେତୃତ୍ୱ ପ୍ରତି ଧ୍ୟାନ ନଦେଇ ନିଜର ବ୍ୟକ୍ତିଗତ ସ୍ୱାର୍ଥପ୍ରତି ଆସକ୍ତ ହୋଇପଡ଼ିଥାନ୍ତି । ତେଣୁ ତଥାକଥିତ ସମାଜ ଏଇ ନେତାମାନଙ୍କ କୁତ୍ସିତ ପ୍ରବୃତ୍ତି ଓ ପ୍ରଲୁବ୍ଧ ସ୍ୱାର୍ଥୀ କାରବାରକୁ ହିଁ ଅନୁକରଣ କରିଥାନ୍ତି, ଫଳରେ ସମାଜରେ ଚାରିତ୍ରିକ ସ୍ଖଳନ, କାମ, କ୍ରୋଧ, ମଦ, ଲୋଭ, ମୋହ, ଈର୍ଷା, ଅସୂୟା, ପ୍ରତିଶୋଧପରାୟଣତା ଦ୍ୱାରା ଆବଦ୍ଧ, ଜୀବନଚର୍ଯ୍ୟାର ଏପରି ଅଧୋଗତି ହୋଇଛି, ଯଦ୍ୱାରା ଏକ କଳୁଷିତ ନଷ୍ଟ ସମାଜର ଭିତର ଦାୟାଦମାନେ ରୁଗ୍ଣ ମାନସିକତାରେ ଛନ୍ଦି ହୋଇ ନିଜ ଜୀବନକୁ ନଷ୍ଟ କରିବା ସଙ୍ଗେ ସଙ୍ଗେ ଦେଶର ମଧ୍ୟ ପ୍ରଭୂତ କ୍ଷତି ସାଧନ କରୁଛନ୍ତି ।

ରାଜନେତାମାନଙ୍କର ସ୍ୱଳ୍ପ ସମୟସୀମା ମଧ୍ୟରେ ଧନପତି ହେବାର ମହତ୍ୱାକାଂକ୍ଷାରେ ଦୁର୍ନୀତିର ମାର୍ଗ ଅନ୍ୱେଷଣ କରିବା ଭୋକିଲା ଭିକାରୀ ଭଳି ଅର୍ଥ ସଂଗ୍ରହ ପାଇଁ ଅସତ୍ ମାର୍ଗ ଅବଲମ୍ବନ କରିବା ଏକ ସହଜ ବେପାର ତଥା ସାର୍ବଜନୀନ ଧରାବନ୍ଧା ରାସ୍ତାରେ ପରିଣତ ହୋଇଛି । ରାଜନେତା ମାନଙ୍କର ଚତୁଃପାର୍ଶ୍ୱରେ ଘୁରି ବୁଲୁଥିବା ଅମଲା ଗୋଷ୍ଠୀ, ଯନ୍ତ୍ରୀ, ଠିକାଦାର, ବିଲଡ଼ର, ମାଫିଆ, ଟାଉଟର, କୁଜି ନେତା ଓ ସେମାନଙ୍କୁ ପ୍ରୋତ୍ସାହିତ କରୁଥିବା ଭାଇବନ୍ଧୁ, ବିରାଦରମାନେ ଓ ସର୍ବୋପରି ଭୋଟରମାନେ ମଧ୍ୟ ଏହି ଅସତ୍ ମାର୍ଗରେ ସଂଶ୍ଳିଷ୍ଟ ହୋଇପଡ଼ନ୍ତି । ବିନା ପୁଞ୍ଜିନିବେଶରେ ପାଂଚବର୍ଷ ମଧ୍ୟରେ ଜନସାଧାରଣଙ୍କ ଅର୍ଥ ତୋଷରପାତ କରି କୋଟିପତି ହୋଇ ଚଉଦ-ପୁରୁଷଙ୍କ ପାଇଁ ବଂଶାନୁକ୍ରମେ ଗାଡ଼ି, ବାଡ଼ି, ବ୍ୟାଙ୍କ ବାଲାନ୍ସ ଯଦି ଜମା ହୋଇପାରେ ତେବେ ଏହାଠାରୁ ବଳି ସହଜ ସୁଖ ରାସ୍ତା କ'ଣ ହୋଇପାରେ ? ଜନହିତକର କାର୍ଯ୍ୟ, ପ୍ରତିଶ୍ରୁତିବଦ୍ଧତା ଆଦି ଚୁଲିକି ଯାଉ "ନେତା ବଂଚିଲେ ଦେଶର ନାଆଁ ।"

ସ୍ୱାଭିମାନ ଓ ସ୍ପର୍ଦ୍ଧା ସହିତ ନୀତିଯୁକ୍ତ ଶାସନ ନେତାର ଆଭୂଷଣ ହେଲେ ହେଁ ଅଳୀକ ମୋହ ଓ ସାମୟିକ ଲୋଭ ପାଇଁ ନେତାମାନେ ଏସବୁ ମୂଲ୍ୟବୋଧକୁ ତ୍ୟାଗ କରିଥାନ୍ତି । ଯେନତେନ ପ୍ରକାରେଣ ଗାଦି ଆରୋହଣ କରିବା ଦୁର୍ନୀତିଯୁକ୍ତ ବଡ଼ନେତାଙ୍କର ଦ୍ୱାରା ଅନୁଗୃହୀତ ହେବାପାଇଁ ନୈତିକତା ବିରୁଦ୍ଧ ଅବୈଧ ଅସାମାଜିକ କାର୍ଯ୍ୟକୁ ଆପଣେଇ ନେବାର ପ୍ରତ୍ୟକ୍ଷ ଓ ପରୋକ୍ଷ ଦୃଶ୍ୟ ସର୍ବସାଧାରଣ ଉପଲବ୍ଧି କଲେ ହେଁ ଶାସନ କ୍ଷମତାର ଦୁରୁପଯୋଗ ଓ ଅପପ୍ରୟୋଗକୁ ଡ଼ରି ମୁହଁ ଖୋଲିବାର ସତ୍‌ସାହସ ହରାଇଦେଇଥାଆନ୍ତି । କଳୁଷିତ ପନ୍ଥାରେ ଧନ ସଂଗ୍ରହ ରାଜନେତାମାନଙ୍କର ସ୍ୱଭାବ ଜାଣି ମଧ୍ୟ ଭୋଟ ସମୟରେ ସେହି ପାପ ଅର୍ଜି

ଧାନ ଫସଲର ସମନ୍ୱିତ ପରିଚାଳନା ଉପରେ ତାଲିମ ଶିବିର

ରରୁଆଁ(ପିଏନ)- ଅଟଳ ପ୍ରକଳ୍ପସବୁବେଳେକୃଷି ଓ କୃଷକଙ୍କୁ ଅଗ୍ରାଧିକାର ଦେଇଆସିଛି।କୃଷି ଓ କୃଷକକୁନେଇଏ ବେସବୁଠି ଚର୍ଚ୍ଚା।।ସରକାର ଏବେ କୃଷକଙ୍କ କଲ୍ୟାଣାର୍ଥେ ଅନେକ ପଦକ୍ଷେପ ନେଉଛନ୍ତି । ସେହି ପରିପ୍ରେକ୍ଷୀରେସେଂଚୁରି ଆନ କୃଷିବିଶ୍ୱବିଦ୍ୟାଳୟରଛାତ୍ରଶାରଦା ପ୍ରସାଦ ପାହାଡ଼ସିଂହ ଓ ଅବିନାଶ ପଣ୍ଡାମୟୂରଭଂଜ ଜିଲ୍ଲାରରରୁଆଁଠାରେ କୃଷକମାନଙ୍କୁ ଧାନ ଫସଲରସମନ୍ୱିତ ପରିଚାଳନାଉପରେତାଲିମ ପ୍ରଦାନ କରିଥିଲେ। ଧାନ ଓଡ଼ିଶାରମୁଖ୍ୟ ଫସଲ।ଓଡ଼ିଶାର ଅନେକଚାଷୀ ଧାନ ଚାଷଉପରେ ନିର୍ଭରଶୀଳ।କିନ୍ତୁବର୍ତମାନ ଧାନରମହିସାରୋଗ ଓ ଚକଡ଼ା।ପୋକବିପ୍ଳାତ ଫଳରେଏହାରଉତ୍ପାଦନର ମାନ ଅନେକମାତ୍ରାରେହ୍ରାସ ପାଇଛି।ତେଣୁଏସବୁରସମନ୍ୱିତ ପରିଚାଳନା ଉପରେ ଧାନ ଦିଆଗଲେ ଧାନ ଫସଲ ଉତ୍ପାଦନ ବୃଦ୍ଧିହୋଇପାରିବ। ସନ୍ତୋଷୀ ଫାଉଣ୍ଡେସନର ମୁଖ୍ୟ ପ୍ରାନ୍ତ ପ୍ରଗତିମହାନ୍ତି ଓ ପ୍ରଶିକ୍ଷିକାମାଧୁରୀ ଦେବୀଚାଷୀମାନଙ୍କୁଏହାର ଆଭିମୁଖ୍ୟସମ୍ପର୍କରେସୂଚନା ଦେଇଥିଲେ।

ହାଟରେ ମୋବାଇଲ ଚୋରି କରୁଥିବା ୩ ଚୋର ଗିରଫ

ବାଲେଶ୍ୱର,(ପିଏନ): ହାଟରେ ଚୋରି କରୁଥିବା ୩ ମୋବାଇଲ ଚୋରକୁ ଗିରଫ କରିଛି ପୁଲିସ । ବାଲେଶ୍ୱର କମର୍ଦ୍ଦା ହାଟରେ ୩ଜଣ ଯୁବକ ମୋବାଇଲ ଚୋରି କରୁଥିବା ବେଳେ ସେମାନଙ୍କୁ ସ୍ଥାନୀୟ ଲୋକେ କୋବୁ କରି ପୁଲିସକୁ ଖବର ଦେଇଥିଲେ । ଫଳରେ ପୁଲିସ ସେଠାରେ ପହଂଚି ୩ ଚୋରଙ୍କୁ ଗିରଫ କରିଥିବା ଜଣାପଡିଛି । ସୂଚନା ଅନୁଯାୟୀ କିଛି ଦିନ ଧରି କମର୍ଦ୍ଦା ଅଂଚଳର ବିଭିନ୍ନ ସ୍ଥାନରୁ ବିଭିନ୍ନ ଅଂଚଳରୁ ମୋବାଇଲ ଚୋରି ହେବା ଘଟଣା ଥାନାରେ ଅଭିଯୋଗ ହୋଇଥିଲା । ପୁଲିସ ଏହି ମୋବାଇଲ ଚୋରି ର୍ୟାକେଟ୍‌କୁ ଧରିବା ପାଇଁ ପ୍ରୟାସ ଜାରି ରଖିଥିଲା । ଗିରଫ ୩ ଜଣ ହେଲେ ଝାଡଖଣ୍ଡ ରାଜ୍ୟର ସାହେବଗଞ୍ଜ ଜିଲ୍ଲା ରାଜମହଲ ଥାନା ତିନିପାହାଡ ଗ୍ରାମର ପ୍ରତାପ ନାନିଆ, ଶିବାନୀ ମହାନ୍ତ ଓ ଦୀପକ ନାନିଆ । ଝାଡଖଣ୍ଡ ଅଂଚଳର ଲୁଟେରାମାନେ ଆସି ଏଭଳି ଅପରାଧରେ ଲିପ୍ତ ହେଉଥିବାରୁ ପୁଲିସ ଏଥିପ୍ରତି ଅଧିକ ଦୃଷ୍ଟି ଦେବାକୁ ବିଭିନ୍ନ ମହଲରୁ ଦାବି କରାଯାଉଛି ।

E-Procurement Notice

INVITATION FOR BIDS(IFB)

Notice No.2257/dt.21/09/2019

Bid Identification No. ATH-NAC-01/2019-20

1. The Executive Officer, NAC, Athgarh invites percentage rate bids to be received in online mode for civil works in the table as below.

Sl No	Name of work	Estimated cost in Rs.	Cost of Tender paper including 12% GST in Rs.	EMD in Rs.(1%)	Class of Contractor	Time of Compleation in days
1	2	3	4	5	6	7
	Construction of 1 TPD capacity Micro Composting Centre at Athagarh	64,10,000/-	10,000/-	64,100/-	B & A NAC Contractor	90

2. The bid documents will be available in the website www.tendersorissa.gov.in from 10 A.M of 22/09/2019 to 5 P.M of 28/09/2019 for online bidding.
3. The bidder must possess compatible Digital Signature Certificate (DSC) of Class-II or Class-III.
4. Bids shall be received on 'online' on or before to 5 P.M of dt.28.09.2019.
5. The Original DD/BC towards Paper cost, EMD and Affidavit should be submitted in a closed envelope prescribing the name of the work for individual work separately addressing to the Executive Officer, Athgarh NAC, Athgarh on or before 11.00 A.M. of 30.09.2019 i.e. before opening of the Bid.
6. Bids received online shall be opened at 11A.M. on 30.09.2019 in the office of the Executive Officer, NAC, Athgarh.
7. Other details can be seen in the bidding documents.

Sd/-
Executive Officer
NAC, Athgarh

ରାମେଶ୍ୱର ସାହିତ୍ୟ ସଂସଦର ସ୍ୱତନ୍ତ୍ର ଆଲୋଚନା

ଭଦ୍ରକ, (ପିଏନ)- ରାମେଶ୍ୱର ସାହିତ୍ୟ ସଂସଦର ସ୍ୱତନ୍ତ୍ର ଆଲୋଚନାଚକ୍ର ରାନ୍ଦିଆ ମଧ୍ୟ ଇଂରାଜୀ ବିଦ୍ୟାଳୟ ପରିସରରେ ଡ. ବଳରାମ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଆବାହକ ପ୍ରମୋଦ କୁମାର ସ୍ୱାଇଁ ମଂଚ ଆହ୍ୱାନ କରିବା ସହ ଅତିଥି ବକ୍ତା ଓଡ଼ିଶା ସାହିତ୍ୟ ଏକାଡେମୀର ରାଜ୍ୟସ୍ତରୀୟ ସଭ୍ୟ ପ୍ରଫେସର ଡ. ଶଶଧର ଦାସଙ୍କୁ ସ୍ୱାଗତ କରିଥିଲେ। ସହ ସଂପାଦକ ଦୁଃଶାସନ ଗାହାଣ ପୂର୍ବ ଆଲୋଚନା କରି ବିବରଣୀ ପାଠ କରିଥିଲେ। ସଭାପତି ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅତିଥି ବକ୍ତା ଡ. ଦାସ 'ଶବ୍ଦ-ଦର୍ପଣ' ଉପରେ ଏକ ମୌଳିକ ଗବେଷଣା ଧର୍ମୀ ଆଲୋଚନା କରିଥିଲେ। ଜଣେ ଉଚ୍ଚକୋଟୀର କଳ୍ପନାଶୀଳ ବ୍ୟକ୍ତି ଶବ୍ଦଟିଏ ଚୟନ କରିବାରେ ବହୁ ସମୟ ନିମଗ୍ନ ରହିପାରେ କାରଣ ସେ ବୁଝନ୍ତି ଯେ ଶବ୍ଦ ଯୋଡି ପରେ, ଫେଡିପାରେ - ଶବ୍ଦ ସତ୍ୟ, ଶବ୍ଦ ସୁନ୍ଦର। ଉପଯୁକ୍ତ ଶବ୍ଦଟିଏ ଚୟନ ନକରି କବିତା ହେଉ ବା ପ୍ରବନ୍ଧ ହେଉ ସୃଷ୍ଟି କଲେ ତାହା ହୁଏତ ଭାବ ଓ ଭାଷା ମଧ୍ୟରେ ଦୂରତ୍ୱ ବଢାଇ ଦେଇପାରେ, ସୃଜନ ସୃଷ୍ଟିର ସ୍ଥାୟୀମାନ ନିରୂପଣ କରିବା ଅସମ୍ଭବ ହୁଏ ସ ପାଠକ ଭ୍ରମର ଶୀକାର ହୁଏ। ତେଣୁ ଶବ୍ଦ ଚୟନର ନିପୁଣତା ଏକ ଅଲୌକିକ ପ୍ରତିଭା ଯାହା ବ୍ୟକ୍ତି ଚେତନାକୁ ସାର୍ବଜନୀନ ଚେତନାରେ ପରିଣତ କରିବାରେ ଦାର୍ଶନିକତା ହାସଲ କରେ ଓ ପ୍ରଭାବଶାଳୀ ମଧ୍ୟ ହୁଏ। ଶବ୍ଦ ଭାବର ଦର୍ପଣ। ରାଧାନାଥ, ଲକ୍ଷ୍ମୀକାନ୍ତ, ସଚ୍ଚି ରାଉତ ରାୟ, ମାୟାଧର ମାନସିଂଙ୍କ କବିତାରେ ଓ ଫକୀର ମୋହନ ସେନାପତିଙ୍କ ଗଳ୍ପ ଓ ଉପନ୍ୟାସରେ ଶବ୍ଦ ଚୟନ ଓ ଶବ୍ଦର ଉପଯୁକ୍ତ ପ୍ରୟୋଗ କେବଳ ଯେ ଆମ ଭାଷା ଓ ସାହିତ୍ୟକୁ ସମୃଦ୍ଧ କରିଛି ତାହା ନୁହେଁ ବରଂ ସେମାନଙ୍କର ସୃଷ୍ଟିକୁ କାଳ ଗିଳିପାରୁନାହିଁ କି ଗିଳିପାରିବ ନାହିଁ ବୋଲି ଅତିଥି ଡ. ଦାସ ଉଦାହରଣ ସହ ବ୍ୟାଖ୍ୟା କରିଥିଲେ। ସୃଜନ ସ୍ରଷ୍ଟା ଯେତେବେଳେ ସୂକ୍ଷ୍ମ ଚେତନାରେ ହଜି ଯାଇଥାଆନ୍ତି, ସେତେବେଳେ ଶବ୍ଦ ବ୍ରହ୍ମରୁ ଆବିଷ୍କୃତ କିଛି ଶବ୍ଦର ଆତ୍ମା ସହିତ ସ୍ରଷ୍ଟା ମିଶିଯାଆନ୍ତି। ସେତେବେଳେ ଶବ୍ଦ ଗୁଡିକ ଆମ ଭାବର ଦର୍ପଣ ବୋଲି ଅତିଥି ମତବ୍ୟକ୍ତ କରିଥିଲେ। ଯେକୌଣସି କବିତାର ସୌନ୍ଦର୍ଯ୍ୟ ବିଧାନ କାବ୍ୟଭାଷାର ସୁନ୍ଦର ପ୍ରୟୋଗ ଓ ଶବ୍ଦ ଚୟନର ନିପୁଣତା ଉପରେ ନିର୍ଭର କରେ ବୋଲି ଅତିଥି ମତ ରଖିଥିଲେ।

ପ୍ରଶ୍ନୋତର କାର୍ଯ୍ୟକ୍ରମରେ ମୋହିନୀ ମୋହନ ମହାପାତ୍ର, ଶିକ୍ଷାବିତ୍ ବଳରାମ ପାଣିଗ୍ରାହୀ, ଜଗବନ୍ଧୁ ଦାଶ, ଡ. ରାଇମୋହନ ମହାପାତ୍ର, ପଣ୍ଡିତ ରତ୍ନାକର ମିଶ୍ର, ଦୁର୍ଯ୍ୟୋଧନ ଖୁଂଟିଆ ପ୍ରମୁଖ ସଭ୍ୟ ଅଂଶଗ୍ରହଣ କରିଥିଲେ। ସଭ୍ୟ ଅରୁଣ କୁମାର ସାହୁ, ସୌମ୍ୟକାନ୍ତ ଉପାଧ୍ୟାୟ, ଅନନ୍ତ ଚନ୍ଦ୍ର ଖୁଂଟିଆ, ଗୋକୁଳାନନ୍ଦ ରାଉତ, ଗୋପାଳ ଚରଣ ମୁଖୀ, ରାମଚନ୍ଦ୍ର ପଣ୍ଡା ପ୍ରମୁଖ ସଭ୍ୟ ଆସନ୍ତା ଆଲୋଚନା ଚକ୍ରରେ ଶିଶୁ ସାହିତ୍ୟ ଉପରେ ଆଲୋଚନା କରିବା ପାଇଁ ମତ ରଖିଥିଲେ। ସମ୍ମାନିତ ବକ୍ତା କବି କିଶୋର ପାଣିଗ୍ରାହୀ ଶବ୍ଦର ଉଚ୍ଚାରଣର ଗୁରୁତ୍ୱ ତଥା ବସ୍ତୁଜଗତ ଓ ପ୍ରକୃତି କିଭଳି ମାନବିକ ସ୍ଥିତିର ପ୍ରତିନିଧିତ୍ୱ କରିପାରେ ଉଦାହରଣ ସ୍ୱରୂପ ବୁଝାଇଥିଲେ। କବି ମୋହିନୀ ମୋହନ ମହାପାତ୍ର ଓ କୃଷ୍ଣଚନ୍ଦ୍ର ରାଉଳ ସଭା ପରିଚାଳନା କରିଥିଲେ। ସଭାପତିଙ୍କ ଅଭିଭାଷଣ ପରେ ଯୁଗ୍ମ ସଂପାଦକ ଗୌରାଙ୍ଗ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

କାର୍ଯ୍ୟାନିର୍ବାହୀ ଅଧିକାରୀଙ୍କ ବିରୁଧରେ ଅଭିଯୋଗ ଆଣିଛନ୍ତି ସେହି ପଂଚାୟତର ସରପଂଚ

ବାଲେଶ୍ୱର,(ପିଏନ) : ଜଣେ କାର୍ଯ୍ୟରତ ଅଧିକାରୀଙ୍କ ବିରୁଧରେ ଅଭିଯୋଗ ଆଣିଛନ୍ତି ସେହି ପଂଚାୟତର ସରପଂଚ । ସୂଚନା ଅନୁଯାୟୀ ସୋଜନାଗଡ ପଂଚାୟତର ସରପଂଚ ସବିତା ଖାଲପାଳିଆ ନିଜ ପଂଚାୟତରେ କାର୍ଯ୍ୟରତ କାର୍ଯ୍ୟନିର୍ବାହୀ ଅଧିକାରୀ ଯମୁନା ହେମ୍ବରମ୍‌ଙ୍କ ବିରୁଧରେ ଅଭିଯୋଗ ଆଣିଛନ୍ତି । ନୀଳଗିରି ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଚିଠି ନମ୍ବର ୪୨୦୩ ମୂଳେ ସୋଜନାଗଡ ପଂଚାୟତରେ ଅବସ୍ଥିତ ଗାଡିଆ ପୋଖରୀ ଦୈନିକ ହାଟ ଇତ୍ୟାଦିର ନିଲାମ କରିବା କଥା । ମାତ୍ର ନିର୍ବାହୀ ଅଧିକାରୀଜଣଙ୍କ ସରପଂଚ ତଥା ୱାର୍ଡ ସଭ୍ୟମାନଙ୍କୁ ଉପେକ୍ଷା କରି ଏବଂ ନିର୍ଦ୍ଧାରିତ ନିଲାମ ତାରିଖରେ କୌଣସି ପ୍ରକାର ନିଲାମ କାର୍ଯ୍ୟ ନକରିବାରୁ ଜନଅସନ୍ତୋଷ ଦେଖାଦେଇଛି । ପଂଚାୟତର ରାଜସ୍ୱ କ୍ଷତି ହେବ ବୋଲି ଉପସ୍ଥିତ ଜନସାଧାରଣ ଅଭିଯୋଗ କରି ବିଡିଓଙ୍କୁ ହସ୍ତକ୍ଷେପ କରିବା ପାଇଁ ଦାବି କରିଛନ୍ତି ।

ଟାଏକୋଣ୍ଡ ଜୁନିଅର ପ୍ରତିଯୋଗିତାରେ କଳିଙ୍ଗ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଛାତ୍ରୀଙ୍କ ସଫଳତା

ଧର୍ମଶାଳା,(ପିଏନ୍)- ଯାଜପୁର ଜିଲା ରସୁଲପୁର ବ୍ଲକ ଅନ୍ତର୍ଗତ ଲକ୍ଷ୍ମୀନଗର ପଂଚାୟତର ତରାପୁର ସ୍ଥିତ କଳିଙ୍ଗ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀ ସେକ୍ ଜୁମନ ଓ ତସଲିମା ଖାନ୍‌ଙ୍କ ଏକମାତ୍ର କନ୍ୟା ଉସ୍ମେ ରୁକେୟା(୧୫)ଙ୍କ ରାଜ୍ୟ ସ୍ତରୀୟ ଟାଏକୋଣ୍ଡ ଜୁନିଅର ପ୍ରତିଯୋଗିତା(୪୧ କି.ଲୋ ଓଜନ)ବର୍ଗରେ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି । ତାଙ୍କ ସଫଳତାକୁ ନେଇ କ୍ରୀଡାବିତ୍‌ଙ୍କ ମହଲରେ ଉତ୍ସାହ ଖେଳିଯାଇଛି । ଏଥି ସହ ବିଦ୍ୟାଳୟର ଅଧ୍ୟକ୍ଷ ଓ ଶିକ୍ଷିକାଶିକ୍ଷକମାନଙ୍କ ପକ୍ଷରୁ ରୁକେୟାକୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି । ଧର୍ମଶାଳା ବ୍ଲକ ଜାରକାସ୍ଥିତ କଳ୍ପତରୁ ଦାସ ଇଣ୍ଡୋର ଷ୍ଟାଡିଅମ୍‌ରେ ସେପ୍ଟେମ୍ବର ୭ ରୁ ୯ ମଧ୍ୟରେ ଓଡିଶା ଟାଏକୋଣ୍ଡ ଆସୋସିଏସନ ଓ ଟାଏକୋଣ୍ଡା-ଓଡିଶାର ମିଳିତ ଆନୁକୂଲ୍ୟରେ ଆୟୋଜିତ ରାଜ୍ୟ ସ୍ତରୀୟ ପ୍ରତିଯୋଗିତାରେ ଯାଜପୁର ଜିଲା ତରଫରୁ ଅଂଶ ଗ୍ରହଣ କରିଥିଲେ । ଏଥିରେ ୧୨ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ । ସେମାନଙ୍କ ମଧ୍ୟରୁ ୫ ଜଣ ପ୍ରତିଯୋଗି ଅଯୋଗ୍ୟ ହୋଇଥିଲା ବେଳେ ଅନ୍ୟ ୬ଜଣଙ୍କୁ ପଛରେ ପକାଇ ରୁକେୟା ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି । ସେ ଦିଲ୍ଲୀଠାରେ ଅନୁଷ୍ଠିତ ହେବାକୁ ଥିବା ଜାତୀୟ ସ୍ତରର ଟାଏକୋଣ୍ଡା ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବା ପାଇଁ ମନୋନୀତ ହୋଇଛନ୍ତି । ଏହାଛଡା ସେ ଜଣେ ମେଧାବୀ ଛାତ୍ରୀ ଅଟନ୍ତି । ତାଙ୍କର ବହୁମୁଖୀ ପ୍ରତିଭା ପାଇଁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟି ଆସୁଛି । ତାଙ୍କର ସଫଳତାର ଶ୍ରେୟ ସେ ପ୍ରଶିକ୍ଷକ ସମର ସିଂ ପପୁଙ୍କୁ ଦେଇଛନ୍ତି ।

ମଠକରଗୋଳା ମହାବିଦ୍ୟାଳୟରେ ଛାତ୍ରୀ ମାନଙ୍କ ଆତ୍ମରକ୍ଷା ତାଲିମ୍ ଶିବିର

ଭୁବନ, (ପିଏନ)- ଭୁବନ ବ୍ଲକ ଅନ୍ତର୍ଗତ ମଠକରଗୋଳା ମହାବିଦ୍ୟାଳୟରେ ରାଜ୍ୟ ସରକାରଙ୍କ ଯୁବ ଓ କ୍ରୀଡା ବିଭାଗ ଆନୁକୂଲ୍ୟରେ ଛାତ୍ରୀ ମାନଙ୍କର ଆତ୍ମରକ୍ଷା ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । ଅଧ୍ୟକ୍ଷ ଚିତ ରଂଜନ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ତାଲିମ ଶିବିରକୁ ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ ର ଅଧ୍ୟକ୍ଷା ଡଃ ରଶ୍ମି ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ଛାତ୍ରୀ ମାନେ ଆତ୍ମରକ୍ଷା ପ୍ରଶିକ୍ଷଣ ଦ୍ୱାରା ବିଭିନ୍ନ କୌଶଳ ଶିକ୍ଷାକରି ନିଜକୁ ସୁରକ୍ଷିତ ରଖିପାରିବେ ବୋଲି ଡଃ ମିଶ୍ରମତବ୍ୟକ୍ତ କରିଥିଲେ । ଆତ୍ମରକ୍ଷା ତାଲିମ କାର୍ଯ୍ୟକ୍ରମର ଜିଲ୍ଲା ସଂଯୋଜକ ଅଧ୍ୟାପକ ଶାରଦା ପ୍ରସନ୍ନ ପତି ମୁଖ୍ୟବକ୍ତା ଭାବେ ଯୋଗଦେଇଆତ୍ମରକ୍ଷା ତାଲିମ କୁ କାର୍ଯ୍ୟରେ ଲଗାଇବା ପାଇଁ ଆହ୍ୱାନ ଦେଇଥିଲେ । ମଠକରଗୋଳା ମହାବିଦ୍ୟାଳୟର ବିଭାଗୀୟ ସଂଯୋଜକ ପ୍ରଶାନ୍ତ କୁମାର ମିଶ୍ର,ଅଧ୍ୟାପକ ଡଃ କୈଳାସ ଚନ୍ଦ୍ର ଦାସ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଏହି ପ୍ରଶିକ୍ଷଣର ଆବଶ୍ୟକତା ସଂପର୍କରେ ଗୁରୁତ୍ୱାରୋପ କରି ଏହା ଛାତ୍ରୀ ମାନଙ୍କୁ ସଶକ୍ତିକରଣ କରିବା ସହ ସୁରକ୍ଷା ପ୍ରଦାନ କରିବ ବୋଲି କହିଥିଲେ ।

ନବାଗତଙ୍କୁ ଭରସା ମହଙ୍ଗା ପଡିଲା : ବିଜେପିରେ ନେତୃତ୍ୱ ସଂକଟ

ଭଦ୍ରକ, (ପିଏନ)- ବାସୁଦେବପୁର ନିର୍ବାଚନ ମଣ୍ଡଳୀରେ ଫେଲ୍ ମାରିଛି ବିଜେପିର ନିର୍ବାଚନ ରଣନୀତି। କ୍ଷମତା ହାସଲ ପାଇଁ ଦଳ ଆପଣେଇଥିବା ନେତୃତ୍ୱ ପରିବର୍ତନ ରାଜନୀତି ଦଳ ପାଇଁ ବେକାର ସାବ୍ୟସ୍ତ ହୋଇଛି। ଦଳର ପୁରୁଣା ନେତାଙ୍କୁ ଉପେକ୍ଷା କରି ନବାଗତଙ୍କ ଉପରେ ଭରସା କରିବା ଦଳପାଇଁ ମହଙ୍ଗା ସାବ୍ୟସ୍ତ ହୋଇଛି। ଯାହାର ପ୍ରତିଫଳନ ଏବେ ଦଳୀୟ ନେତୃତ୍ୱ ଉପରେ ପ୍ରତିଫଳିତ ହୋଇଛି। ପରାଜୟ ପରେ ଦଳୀୟ ନେତୃତ୍ୱ ନେବାକୁ ନିର୍ବାଚନ ମଣ୍ଡଳୀରେ ଏବେ ଦଳର ସେହି ଧରଣର ନେତା ନାହାଁନ୍ତି କିମ୍ବା ନେତୃତ୍ୱ ନାହିଁ। ଯାହାକୁ ନେଇ ଏବେ ବାସୁଦେବପୁର ବିଜେପି ରାଜନୀତି ଏକ ପ୍ରକାର ଅସହାୟ ହୋଇ ପଡିଥିବା କୁହାଯାଉଛି। ଦଳୀୟ ଟିକେଟରୁ ଅନ୍ତର କରାଯାଇଥିବା ଯୋଗୁଁ ଦଳର ପୁରୁଣା ନେତା ଦୀନବନ୍ଧୁ ପତି ସଂଗଠନ ଠାରୁ ନିଜକୁ ଦୂରେଇ ନେଇଥିବା ବେଳେ କ୍ରମାଗତ ପରାଜୟ ଦଳର ନବାଗତ ନେତା ମାଧ ମଲିକଙ୍କୁ ଏକ ପ୍ରକାର ଅସହାୟ କରିପକାଇଛି। ଗତ ନିର୍ବାଚନରେ ଦଳ ଏହି ଆସନକୁ ହାତେଇବା ସକାଶେ ଦୀନବନ୍ଧୁ ପତିଙ୍କୁ ଅନ୍ତର କରି ନବାଗତ ମାଧବାନନ୍ଦ ମଲ୍ଲିକଙ୍କୁ ଦଳୀୟ ଟିକେଟ୍ ଦେଇଥିଲା। ନିର୍ବାଚନ ମଣ୍ଡଳୀରେ କଂଗ୍ରେସର ଜଣେ ଟାଣୁଆ ନେତା ଭାବେ ମାଧବାନନ୍ଦ ଦଳ ପାଇଁ ଭଲ ପ୍ରଦର୍ଶନ କରିବେ ବୋଲି ଆଶା କରାଯାଉଥିଲା। ହେଲେ ଗତ ନିର୍ବାଚନରେ କଂଗ୍ରେସରୁ ଲଢି ମାଧବାନନ୍ଦ ଯେତିକି ଭୋଟ ପାଇଥିଲେ ଦଳ ପରିବର୍ତନ କରି କେବଳ ପରାଜି ହେଲେନାହିଁ। ପରନ୍ତୁ ପ୍ରତିଦ୍ୱନ୍ଦ୍ୱିତାରେ ତୃତୀୟ ସ୍ଥାନକୁ ଖସି ଆସିଥିଲେ। ଗତ ପଂଚାୟତ ନିର୍ବାଚନରେ ଦଳର ଜିଲା ପରିଷଦ ପ୍ରାର୍ଥୀ ପ୍ରାୟ ୪୬ ହଜାରରୁ ଊର୍ଦ୍ଧ୍ୱ ଭୋଟ୍ ପାଇଥିବା ବେଳେ ସାଧାରଣ ନିର୍ବାଚନରେ ଦଳୀୟ ପ୍ରାର୍ଥୀଙ୍କୁ ମାତ୍ର ୩୫ ହଜାର ଭୋଟରେ ସନ୍ତୁଷ୍ଟ ରହିବାକୁ ପଡିଥିଲା। ସବୁଠାରୁ ବଡ କଥା ହେଲା ଦଳର ବିଧାନସଭା ପ୍ରାର୍ଥୀ ଭାବେ ମାଧବାନନ୍ଦଙ୍କୁ ମାତ୍ର ୩୫ ହଜାର ଭୋଟ ମିଳିଥିବା ବେଳେ ଦଳର ସଂସଦୀୟ ପ୍ରାର୍ଥୀ ଅଭିମନ୍ୟୁ ସେଠାଙ୍କୁ ୬୧ ହଜାରରୁ ଊର୍ଦ୍ଧ୍ୱ ଭୋଟ ମିଳିଥିଲା। ଏଥିରୁ ଗୋଟିଏ କଥା ସ୍ପଷ୍ଟ ହୋଇଥିଲା ଯେ ହୁଏତ ମାଧବାନନ୍ଦଙ୍କ ବିରୁଦ୍ଧରେ ଦଳରେ ଅର୍ନ୍ତଘାତୀ ହୋଇଥିଲା ନଚେତ୍ ତାଙ୍କର ବିଜେପିର ଯୋଗଦାନକୁ ଦଳର ସବୁ ବର୍ଗର ଭୋଟର ସହଜରେ ଗ୍ରହଣ କରିପାରିନଥିଲେ। ନିର୍ବାଚନର ଏହି ପରାଜୟ ଏବେ ମାଧବାନନ୍ଦଙ୍କୁ ସଂପୂର୍ଣ ଭାବେ ଅସହାୟ କରିଦେଇଥିବା କୁହାଯାଉଛି। କ୍ରମାଗତ ପରାଜୟ ସହିତ ବୟସାଧିକ ଅସୁସ୍ଥତା ତାଙ୍କୁ ଆଉ ସକ୍ରିୟ ରାଜନୀତିରେ ତିଷ୍ଠି ରହିବା ନେଇ ସନ୍ଦେହ ସୃଷ୍ଟି କରିଛି। ତେଣେ ଦଳୀୟ ଟିକେଟରୁ ଅନ୍ତର କରି ଦୀନବନ୍ଧୁଙ୍କ ଦଳ ରାଜ୍ୟ ପ୍ରବକ୍ତା ଭାବେ ନିଯୁକ୍ତି ଦେଇଥିଲେ ମଧ୍ୟ ରାଜ୍ୟ ରାଜନୀତି କଥା ଦୂରକୁ ଥାଉ ଜିଲା ରାଜନୀତିରୁ ଦୀନବନ୍ଧୁ ଏକ ପ୍ରକାର ଅନ୍ତର ହୋଇ ଯାଇଥିବା ପରିଲକ୍ଷିତ ହୋଇଛି। ଦଳର ଅନ୍ୟତମ ରାଜ୍ୟ ପ୍ରବକ୍ତା ସହିତ ରାଜ୍ୟ କାର୍ଯ୍ୟକାରିଣୀରେ ଥାଇ ମଧ୍ୟ ଜିଲାସ୍ତରରେ ଗୋଟିଏ ହେଲେ ଦଳୀୟ କାର୍ଯ୍ୟକ୍ରମରେ ତାଙ୍କୁ ଦେଖିବାକୁ ମିଳୁନି। ଏଥିନେଇ ଦୀନବନ୍ଧୁଙ୍କୁ ଯୋଗାଯୋଗ କରାଯାଇଥିବା ବେଳେ ସେ କହିଥିଲେ ନୂଆ ନିଯୁକ୍ତି ପରେ ତାଙ୍କୁ ଗତ ୩ ମାସ ମଧ୍ୟରେ କେବଳ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଥରକ ପାଇଁ ଡକାଯାଇଥିବାବେଳେ ଜିଲା କାର୍ଯ୍ୟକ୍ରମରେ ସାମିଲ ହେବା ଦୂରକୁ ଥାଉ ଜିଲା କାର୍ଯ୍ୟକ୍ରମ ସଂପର୍କରେ ତାଙ୍କୁ କୌଣସି ସୂଚନା ମଧ୍ୟ ଦିଆଯାଉନାହିଁ। ସେହିଭଳି ବାସୁଦେବପୁର ବିଧାନସଭା ନିର୍ବାଚନରେ ତାଙ୍କୁ ଦଳୀୟ ଟିକେଟ୍ ଦିଆନଯିବା ପଛରେ ବିଧିବଦ୍ଧ ଷଡଯନ୍ତ୍ର ରହିଥିଲା ବୋଲି ସେ ଅଭିଯୋଗ କରିଛନ୍ତି। ବାସୁଦେବପୁର ବିଜେପି ରାଜନୀତିରୁ ତାଙ୍କୁ ହଟାଇବା ସକାଶେ ନିଜ ଦଳର ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀ ଏହି ଷଡଯନ୍ତ୍ର ରଚନା କରିଥିଲେ ବୋଲି ସେ ଅଭିଯୋଗ କରିଛନ୍ତି। ଯାହାକି ଦଳୀୟ ପରାଜୟର ମୁଖ୍ୟ କାରଣ ବୋଲି ସେ କହିଛନ୍ତି। ତେବେ ଦଳୀୟ ପରାଜୟ ପରେ ଏବେ ବାସୁଦେବପୁର ବିଜେପି ସଂଗଠନକୁ ପୁଣି ସଂଗଠିତ କରିବାର ସମୟ ଆସିଛି। ରାଜ୍ୟ ହାଇକମାଣ୍ଡ ଦଳର ବିପର୍ଯ୍ୟୟର ସମୀକ୍ଷା କରିବା ସହିତ ଦଳକୁ ସଂଗଠିତ କରିବାକୁ ଉପଯୁକ୍ତ ନେତୃତ୍ୱ ଦେବାକୁ ସେ ଦାବୀ କରିଛନ୍ତି। ତାହା ନହେଲେ ଆଗକୁ ଏହି ନିର୍ବାଚନ ମଣ୍ଡଳୀରେ ଦଳୀୟ ସ୍ଥିତି ଅଧିକ ଜଟିଳ ନହେବ, ତାହା କୁହାଯାଇପାରିବ ନାହିଁ ବୋଲି ସେ କହିଛନ୍ତି।

ସମସ୍ୟା ଘେରରେ ଚକବନ୍ଦୀ ଯୁଗ୍ମ କମିଶନରଙ୍କ ଅଫିସ୍

୪ ମାସ ହେଲା ଖାଲି ପଡିଛି କମିଶନରଙ୍କ ପଦ

ବାଲେଶ୍ୱର,(ପିଏନ) : ସହରର ଏଡିଏମ ଛକ ନିକଟରେ ଥିବା ଚକବନ୍ଦୀ ବନ୍ଦୋବସ୍ତ ବିଭାଗର ଅତିରିକ୍ତ ତଥା ଯୁଗ୍ମ କମିଶନରଙ୍କ ଅଦାଲତ ଏବେ ବିଭିନ୍ନ ସମସ୍ୟା ଦେଇ ଗତି କରୁଛି। ଏହି ଅଦାଲତରେ ଉଭୟ ବାଲେଶ୍ୱର ଏବଂ ଭଦ୍ରକ ଜିଲ

ମୋ ଓଡ଼ିଶା

କର୍କଟ ବ୍ୟାଧିର ନିଆଁ ଓ ଧୂଆଁ

ଭୁବନେଶ୍ୱର (ପିଏନ୍): ବିଶ୍ୱରେ ୮୦ ଲକ୍ଷରୁ ଅଧିକ ଲୋକ ପ୍ରତି ବର୍ଷ କର୍କଟ ରୋଗରେ ପ୍ରାଣ ହରାଉଛନ୍ତି। ୟୁନିୟନ ଫର ଇଂଟରନ୍ୟାସନାଲ କ୍ୟାନ୍ସର କଂଟ୍ରୋଲ ଦ୍ୱାରା ବିଶ୍ୱ କର୍କଟ ସଚେତନତା ଦିବସ ପ୍ରତିଷ୍ଠା ହୋଇଥିଲା। ୨୦୨୦ ସୁଦ୍ଧା କର୍କଟ ଜନିତ ମୃତ୍ୟୁ ଓ ପୀଡ଼ିତଙ୍କ ସଂଖ୍ୟା ହ୍ରାସ କରିବା ଏହି ଦିବସର ମୂଳ ଉଦ୍ଦେଶ୍ୟ। ଏ ଅବସରରେ କର୍କଟ ଆକ୍ରାନ୍ତଙ୍କ ସମର୍ଥନରେ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ଆୟୋଜନ କରାଯାଏ। କର୍କଟ ରୋଗ ଚିହ୍ନଟ ପରେ ତା ସହ ଲଢ଼ିବା ପାଇଁ ସେମିନାର, କ୍ୟାମ୍ପେନ୍, ପଥପ୍ରାନ୍ତ ନାଟକ ମାଧ୍ୟମରେ ଲୋକଙ୍କୁ ସଚେତନ କରାଯାଏ। ସମଗ୍ର ବିଶ୍ୱରେ ପ୍ରତିବର୍ଷ ବୟାଅଶୀ ଲକ୍ଷ ଲୋକ କର୍କଟ ରୋଗରେ ମୃତ୍ୟୁ ବରଣ କରିଥାନ୍ତି ଓ ଏଥି ମଧ୍ୟରୁ ଚାଳିଶ ଲକ୍ଷ ଲୋକ ଅଳ୍ପ ବୟସରେ (୩୦ରୁ ୪୦ବର୍ଷ) ପ୍ରାଣ ହରାଇଥାନ୍ତି। କର୍କଟ ରୋଗର ନିର୍ଣ୍ଣୟ, ଚିକିତ୍ସା, ନିରାକରଣ, ସଚେତନତା ଓ ଗବେଷଣା ନିମିତ ୪ ଫେବୃଆରୀକୁ ବିଶ୍ୱର ସର୍ବତ୍ର କର୍କଟ ଦିବସ ରୂପେ ପାଳନ କରିବା ପାଇଁ ୨୦୦୦ ମସିହା ପ୍ୟାରିସ୍ ସମ୍ମିଳନୀରେ ବିଶ୍ୱ କର୍କଟ ସଙ୍ଗଠନ ସିଦ୍ଧାନ୍ତ ନେଇଥିଲା ଓ ୨୦୨୦ ମସିହା ସୁଦ୍ଧା ସମଗ୍ର ବିଶ୍ୱରେ କ୍ୟାନସର ରୋଗକୁ ସମ୍ପୂର୍ଣ୍ଣ ରୂପେ ନିୟନ୍ତ୍ରଣ କରିବା ଏହି ସଙ୍ଗଠନର ମୁଖ୍ୟ ଉଦ୍ଦେଶ୍ୟ ରୂପେ ଧାର୍ଯ୍ୟ କରାଯାଇଅଛି। ବିଭିନ୍ନ ପ୍ରକାର (ଏକଶତ) କର୍କଟ ବ୍ୟାଧି ମନୁଷ୍ୟକୁ ଆକ୍ରାନ୍ତ କରେ। ଦେଶ, ଜାତି, ବର୍ଣ୍ଣ ଓ ବୟସର ସମସ୍ତ ସୀମାକୁ ଅତିକ୍ରମ କରି ଏହି ବ୍ୟାଧି ସମଗ୍ର ମନୁଷ୍ୟ ସମାଜ ପାଇଁ ମୃତ୍ୟୁର ଏକ ଭୟାବହ ବିଭୀଷିକା ରଚନା କରିଅଛି। ପୁରୁଷମାନେ ସାଧାରଣତଃ ଫୁସ୍‌ଫୁସ୍ କ୍ୟାନସର, ପ୍ରୋଷ୍ଟେଟ୍ କ୍ୟାନସର, ବୃହଦାନ୍ତ କ୍ୟାନସର ଓ ପାକସ୍ଥଳୀ କ୍ୟାନସରରେ ଆକ୍ରାନ୍ତ ହୁଅନ୍ତି। ମହିଳାମାନେ ସ୍ତନ କ୍ୟାନସର, ବୃହଦାନ୍ତ କ୍ୟାନସର, ପିତକୋଷ କ୍ୟାନସର, ଜନନେନ୍ଦ୍ରିୟ କ୍ୟାନସର ଓ ଫୁସ୍‌ଫୁସ୍ କ୍ୟାନସରରେ ଆକ୍ରାନ୍ତ ହୁଅନ୍ତି। ପିଲାମାନେ ସାଧାରଣତଃ ରକ୍ତ କ୍ୟାନସର, ମସ୍ତିଷ୍କ ଟ୍ୟୁମର ଓ ଲିମ୍ଫୋମାରେ ଆକ୍ରାନ୍ତ ହୁଅନ୍ତି। ଚର୍ମ କ୍ୟାନସର ସଂଖ୍ୟା ମଧ୍ୟ ଧୀରେ ଧୀରେ ବୃଦ୍ଧି ପାଉଛି। ବୟସର ବୃଦ୍ଧି ସଙ୍ଗେ ସଙ୍ଗେ କ୍ୟାନସର ରୋଗୀଙ୍କର ସଂଖ୍ୟା ମଧ୍ୟ ବଢ଼ିଥାଏ। ପରିବେଶ ପ୍ରଦୂଷଣ ହିଁ କ୍ୟାନସର ରୋଗର ମୁଖ୍ୟ କାରଣ (୯୦ରୁ ୯୫%)। ୫ରୁ ୧୦% କର୍କଟ ରୋଗ ବାପା ମାଆଙ୍କ ପାଖରୁ ପିଲାମାନଙ୍କୁ ଆସିଥାଏ। ଧୂମପାନ (୨୫-୩୦%), ଅତ୍ୟଧିକ ଖାଦ୍ୟ ଖାଇବା ଓ ମୋଟା ହେବା (୩୦-୩୫%), ସଂକ୍ରମଣ (୧୫-୨୦%), ଆଣବିକ ବିକୀରଣ (୧୦%), ମଦ୍ୟପାନ (୧୦%), ଶାରୀରିକ ପରିଶ୍ରମ ନକରିବା, ଇତ୍ୟାଦି କ୍ୟାନସର ରୋଗର ମୁଖ୍ୟ କାରଣ। ଧୂମପାନ ଫୁସ୍‌ଫୁସ୍ କ୍ୟାନସରର ମୁଖ୍ୟ କାରଣ (୯୦%)। ଏହାବାଦ୍ ସ୍ୱରଯନ୍ତ୍ର କ୍ୟାନସର, ପାକସ୍ଥଳୀ କ୍ୟାନସର, ପରିସ୍ରାଥଳି କ୍ୟାନସର, ବୃକକ୍ କ୍ୟାନସର, ଖାଦ୍ୟନଳୀ କ୍ୟାନସର ଓ ଅଗ୍ନ୍ୟାଶୟ କ୍ୟାନସର ମଧ୍ୟ ଧୂମପାନ ଯୋଗୁଁ ହୋଇଥାଏ। ଧୂମପାନରେ ୫୦ ପ୍ରକାରର ଉପାଦାନ ଅଛି ଯାହା କ୍ୟାନସର ସୃଷ୍ଟିର କାରଣ। ଏହାଭିତରୁ ନାଇଟ୍ରୋସାମିନ୍ ଓ ପଲିସାଇକ୍ଲିକ୍ ଏରୋମାଟିକ୍ ହାଇଡ୍ରୋକାର୍ବନ ମୁଖ୍ୟ। ମଦ୍ୟପାନ କ୍ୟାନସର ରୋଗର ଅନ୍ୟ ଏକ କାରଣ। ମୁଖ୍ୟତଃ ଏହା ଯକୃତ କ୍ୟାନସର ଓ ଖାଦ୍ୟନଳୀ କ୍ୟାନସର କରିଥାଏ। କଳକାରଖାନା ମାନଙ୍କରେ କାମ କରୁଥିବା ସହସ୍ରାଧିକ ବ୍ୟକ୍ତି କ୍ୟାନସର ରୋଗରେ ଆକ୍ରାନ୍ତ ହୁଅନ୍ତି (୨-୨୦%)। ପ୍ରତିବର୍ଷ ଦୁଇ ଲକ୍ଷ ବ୍ୟକ୍ତି କଳକାରଖାନା ପ୍ରଦୂଷଣ ଯୋଗୁଁ କର୍ମସ୍ଥଳୀରେ କ୍ୟାନସର ରୋଗରେ ଆକ୍ରାନ୍ତ ହୁଅନ୍ତି। ଏଜ୍‌ବେଷ୍ଟସ୍ ତନ୍ତୁ ବା ଧୂମ ସେବନ ଦ୍ୱାରା ଫୁସ୍‌ଫୁସ୍ କ୍ୟାନସର ହୁଏ ଓ ଟୋବେନ୍‌ଜିନ୍ ଦ୍ୱାରା ରକ୍ତ କ୍ୟାନସର ହୁଏ। ଅତ୍ୟଧିକ ଆମିଷ ଖାଦ୍ୟ, ଶାରୀରିକ ଶ୍ରମ ବିମୁଖତା ଓ ମୋଟାପଣ ଯୋଗୁଁ (୩୦-୩୫%) ମଧ୍ୟ କ୍ୟାନସର ହୋଇଥାଏ। ଶାରୀରିକ ପରିଶ୍ରମ ନକଲେ ଲୋକମାନେ ମୋଟା ହୋଇଯାନ୍ତି ଓ ସେମାନଙ୍କର ରୋଗ ପ୍ରତିରୋଧକଶକ୍ତି ଓ ଅନ୍ତଃସ୍ରାବୀ ସମନ୍ୱୟତା କମିଯାଏ। ଅତ୍ୟଧିକ ଲୁଣ ସେବନ କଲେ ପାକସ୍ଥଳୀ କ୍ୟାନସର ହୁଏ। ଜାପାନରେ ପାକସ୍ଥଳୀ କ୍ୟାନସର ଓ ଯୁକ୍ତରାଷ୍ଟ୍ର ଆମେରିକାରେ ଖାଦ୍ୟନଳୀ (ବୃହଦାନ୍ତ୍ର) କ୍ୟାନସର ଅତ୍ୟଧିକ ଅଧିକ ଲୁଣ ସେବନ ଯୋଗୁଁ ହୋଇଥାଏ। ଖାଦ୍ୟ ପଦାର୍ଥ ଆଫ୍‌ଲାଟକ୍ସିନ୍ ଦ୍ୱାରା ଆକ୍ରାନ୍ତ ହେଲେ ଲିଭର କ୍ୟାନସର ହୁଏ ଓ ପାନ ଖାଇଲେ ମୁଖଗହ୍ୱର କ୍ୟାନସର ହୁଏ। ବିଭିନ୍ନ ଭୂତାଣୁ ଦ୍ୱାରା ମଧ୍ୟ କ୍ୟାନସର ହୋଇଥାଏ। ମହିଳା ମାନଙ୍କର ହ୍ୟୁମାନ୍ ପେପିଲୋମା ଭୂତାଣୁ ଜନନେନ୍ଦ୍ରିୟ କ୍ୟାନସରର କାରଣ। ଏବଷ୍ଟିନ୍ ବାର ଭୂତାଣୁ ଲିମ୍ଫୋମା ଓ ନାକ ଓ ଖାଦ୍ୟନଳୀ କ୍ୟାନସର କରେ। ହେପାଟାଇଟସ୍ ବି ଭୂତାଣୁ ଲିଭର କ୍ୟାନସରର ମୁଖ୍ୟ କାରଣ। ହେପାଟାଇଟିସ୍ ସି ମଧ୍ୟ ଯକୃତ କ୍ୟାନସର କରେ। ହାର୍ପିସ୍ ଭୂତାଣୁ - କାପୋସି ସାର୍କୋମାର କାରଣ। ହେଲିକୋ ବ୍ୟାକ୍ଟର ପାଇଲୋରି ଜୀବାଣୁ ପାକସ୍ଥଳୀ କ୍ୟାନସର କରେ। ସିଷ୍ଟୋସୋମା ଓ ଯକୃତ ଫ୍ଲୁକ୍ ଯଥାକ୍ରମେ ପରିସ୍ରା ଥଳି କ୍ୟାନସର ଓ କୋଲାଞ୍ଜିଓକାର୍ସିନୋମା କରନ୍ତି। ଆଣବିକ ବିକୀରଣ (୧୦%) ମଧ୍ୟ କ୍ୟାନସର ରୋଗର ଅନ୍ୟ ଏକ କାରଣ। କର୍କଟ ରୋଗର ପ୍ରାଥମିକ ଲକ୍ଷଣ କ'ଣ? ବହୁଦିନ ଧରି ଶରୀରର ଯେ କୌଣସି ସ୍ଥାନରେ କିମ୍ବା ପାଟିରେ ଘା' ନ ଶୁଖିବା, ଖାଦ୍ୟ ଖାଇବାରେ କ୍ରମାଗତ ଯନ୍ତ୍ରଣା ଅନୁଭବ କରିବା, ସ୍ୱର ବସିଯିବା, କ୍ଷୁଧା ନହେବା, ବଦହଜମ ଓ ତରଳ ଲାଳରକ୍ତ ଝାଡ଼ା ଲାଗି ରହିବା, ସ୍ତନରେ ମାଂସପିଣ୍ଡୁଳା ବା ଘା ହେବା, ଅନିୟମିତ ଭାବେ ଜରାୟୁରୁ ରକ୍ତସ୍ରାବ ହେବା, ଦେହରେ ଯେ କୌଣସି ସ୍ଥାନରେ ମାଂସପିଣ୍ଡୁଳା ବା କଳାଜାଇ ବୃଦ୍ଧି ପାଇବା ଇତ୍ୟାଦି କର୍କଟ ରୋଗର ପ୍ରାଥମିକ ଲକ୍ଷଣ। ଏ କ୍ଷେତ୍ରରେ ତୁରନ୍ତ ନିକଟସ୍ଥ ସ୍ୱାସ୍ଥ୍ୟ କେନ୍ଦ୍ର କିମ୍ବା ବିଶେଷଜ୍ଞଙ୍କ ପରାମର୍ଶ ନେବା ନିହାତି ଜରୁରୀ। କର୍କଟ ରୋଗର ନିରାକରଣ ଏକ ମୁଖ୍ୟ ବିଷୟ। ପରିବେଶ ପ୍ରଦୂଷଣ ଓ ଜୀବନଶୈଳୀ ଓ ଖାଦ୍ୟପେୟ ପରିବର୍ତନ ମାଧ୍ୟମରେ ୭୦-୯୦% କର୍କଟ ରୋଗ ନିରାକରଣ ସାପେକ୍ଷ। ଧୂମପାନ, ମଦ୍ୟପାନ, ଅତ୍ୟଧିକ ମୋଟାପଣ, ଶାରୀରିକ ଶ୍ରମ ବିମୁଖତା ଓ ବାୟୁ ପ୍ରଦୂଷଣ ଇତ୍ୟାଦିର ନିରାକରଣରେ କ୍ୟାନସର ବ୍ୟାଧିକୁ ବହୁ ପରିମାଣରେ ନିୟନ୍ତ୍ରଣ କରାଯାଇପାରିବ। ଆମିଷ ଖାଦ୍ୟରେ ଶରୀର ବିଧାନ ଅତ୍ୟଧିକ ଉତେଜିତ ଓ ଜର୍ଜରିତ ହୁଏ। ମାଛ, ମାଂସ, ପିଆଜ, ରସୁଣ ଓ ମାଦକ ଦ୍ରବ୍ୟ ସର୍ବଦା ବର୍ଜନୀୟ। ନିରାମିଷ ଖାଦ୍ୟ, ଯଥେଷ୍ଟ ପରିମାଣରେ ପନିପରିବା ଓ ଫଳ ସେବନ କର୍କଟ ବ୍ୟାଧିର ନିରାକରଣରେ ସାହାଯ୍ୟ କରେ। ଟୀକା ନେବା (ହେପାଟାଇଟିସ୍ ବି ଓ ପେପିଲୋମା ଭାଇରସ୍) ମାଧ୍ୟମରେ ଲିଭର କ୍ୟାନସର ଓ ଜନନେନ୍ଦ୍ରିୟ କ୍ୟାନସର ନିରାକରଣ ହୋଇପାରିବ।

(ସୌଜନ୍ୟ: ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର, ବିଭାଗୀୟ ମୁଖ୍ୟ, ହେପାଟାଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ: ୯୪୩୭୦୫୧୯୫୭)

ଏସ.ଏଚ.ଜି. ଅର୍ଥ ହଡପ ମାମଲାରେ ସ୍ୱାମୀ ଗିରଫ

ବାଲେଶ୍ୱର (ପିଏନ୍: ସ୍ୱୟଂ ସହାୟକ ଗୋଷ୍ଠୀରୁ ବିପୁଳ ଟଙ୍କା ହଡପ କରିବା ଅଭିଯୋଗରେ ବାଖରାବାଗ୍ ଗ୍ରାମର ରମେଶ ରାଉତଙ୍କୁ ରୂପ୍ସା ପୁଲିସ୍ ଗିରଫ କରିଛି। ଅନ୍ୟପକ୍ଷରେ ଅଭିଯୁକ୍ତଙ୍କ ସ୍ତ୍ରୀ କବିତା ରାଉତ ଫେରାର ହୋଇଯାଇଛନ୍ତି। ପ୍ରକାଶ ଯେ, ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ ସଭ୍ୟାଙ୍କ ଲକ୍ଷାଧିକ ଟଙ୍କା ଋଣ ରାଶି ମାସିକ କିସ୍ତି ବାବଦ ଅର୍ଥକୁ ରମେଶ ଓ ତାଙ୍କ ସ୍ତ୍ରୀ ହଡପ କରିଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ସାଇବାବା ଏସଏଚଜି ସଭାନେତ୍ରୀଙ୍କ ଅଭିଯୋଗକୁ ଭିତି କରି ପୁଲିସ ଗତ ୯ ତାରିଖରେ ଓ ଲକ୍ଷ୍ମୀନାରାୟଣ ଏସଏଚଜି ସମ୍ପାଦିକା ମଞ୍ଜୁଲତା ଲେଙ୍କାଙ୍କ ଅଭିଯୋଗକ୍ରମେ ଏକ ମାମଲା ରୁଜୁ ହୋଇ ତଦନ୍ତ ଜାରି ରହିଥିଲା। ଲକ୍ଷାଧିକ ଟଙ୍କା ନେଇ ଏହି ଦମ୍ପତି ଗ୍ରାମ ଛାଡି ବାଲେଶ୍ୱରରେ ଘରଭଡା ନେଇ ରହୁଥିବାରୁ ମହିଳା ଗୋଷ୍ଠୀର ସଭ୍ୟାଙ୍କ ମଧ୍ୟରେ ସନ୍ଦେହ ସୃଷ୍ଟି ହୋଇଥିଲା। ବର୍ଷେକାଳ କୌଣସି ଅର୍ଥ ପରିଶୋଧ ନକରିବାକୁ ମହିଳାମାନେ ଜିଲ୍ଲାପାଳଙ୍କ ନିକଟରେ ଓ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ଥାନାଧିକାରୀ ସଦଳବେଳେ ଚଢାଉ କରି ବାଲେଶ୍ୱରର କୁରୁଡା ଛକରୁ ଅଭିଯୁକ୍ତ ରମେଶଙ୍କୁ ଗିରଫ କରିଥିବାବେଳେ କବିତା ଫେରାର ହୋଇଯାଇଥିଲେ ବୋଲି ପୁଲିସ ସୂତ୍ରରୁ ପ୍ରକାଶ।

ମାନେକ୍‌ଶା...ଭାରତର ପ୍ରଥମ ଫିଲଡ୍ ମାର୍ସଲ

ଅଦ୍ୟାବଧି ମାତ୍ର ଦୁଇ ଜଣ ଭାରତୀୟ ସେନା ବିଭାଗୀୟ ଉଚ୍ଚ ପଦାଧିକାରୀ ଫିଲଡ୍ ମାର୍ସଲ ପଦବୀକୁ ଉନ୍ନୀତ ହୋଇଥିବା ଜଣାଯାଏ। ସେମାନେ ହେଉଛନ୍ତି ସାମ ହୋମୂସଜୀ ଫ୍ରେମଜୀ ଜାମଶେଦଜୀ ମାନେକଶା ଓ କୋଡ଼ଣ୍ଡେରା ମଡ଼ପ୍ପା କରିଅପ୍ପା। ମାନେକଶା ଭାରତର ପ୍ରଥମ ଫିଲଡ୍ ମାର୍ସଲ। କରିଅପ୍ପା ବୟୋଜ୍ୟେଷ୍ଠ ହୋଇଥିଲେ ହେଁ ଅବସର ଗ୍ରହଣର ପ୍ରାୟ ତିରିଶ ବର୍ଷ ପରେ (୧୯୮୬)ରେ ଫିଲଡ଼ ମାର୍ସଲ ଉପାଧି ପାଇଥିଲେ। ଫିଲଡ୍ ମାର୍ସଲ ମାନେକଶା ସାମ ବାହାଦୂର ଭାବେ ମଧ୍ୟ ଜଣାଶୁଣା। ନିଜର ଚାରି ଦଶନ୍ଧିର ସୈନିକ ଜୀବନରେ ଫିଲଡ୍ ମାର୍ସଲ ମାନେକଶା ପାଂଚଟି ଯୁଦ୍ଧ ଲଢ଼ି ଥିଲେ। ବ୍ରିଟିଶ ଇଣ୍ଡିଆନ୍ ଆର୍ମି ପକ୍ଷରୁ ସେ ଦ୍ୱିତୀୟ ବିଶ୍ୱ ଯୁଦ୍ଧ ଲଢ଼ିଥିଲେ। ୧୯୬୯ରେ ସେ ଭାରତର ଅଷ୍ଟମ ଚିଫ୍ ଅଫ୍ ଆର୍ମି ଷ୍ଟାଫ୍ ଭାବେ ନିଯୁକ୍ତି ପାଇଥିଲେ ଏବଂ ତାଙ୍କ ନେତୃତ୍ୱରେ ୧୯୭୧ରେ ଭାରତ, ପାକିସ୍ତାନ ଉପରେ ବିଜୟ ହାସଲ କରିଥିଲା। ଏହାର ସୁଫଳ ସ୍ୱରୂପ ବାଙ୍ଗଲାଦେଶ ଜନ୍ମ ହୋଇଥିଲା। ୧୯୭୩ ଜାନୁଆରୀ ପହିଲାରେ ତାଙ୍କୁ ଫିଲଡ୍ ମାର୍ସଲ ଉପାଧିରେ ଭୂଷିତ କରାଯାଇଥିଲା। ଏହାଛଡ଼ା ତାଙ୍କୁ ମିଲିଟାରୀ କ୍ରସ୍, ପଦ୍ମ ଭୂଷଣ, ଓ ପଦ୍ମ ବିଭୂଷଣ ମଧ୍ୟ ପ୍ରଦାନ କରାଯାଇଥିଲା। ଦ୍ୱିତୀୟ ବିଶ୍ୱଯୁଦ୍ଧ ବେଳେ ବର୍ମାରେ ଜାପାନୀ ସେନା ସହ ଲଢୁଥିବା ବେଳେ ତାଙ୍କ ପେଟରେ ମେସନ୍ ଗନ୍‌ର ଗୁଳି ବାଜିଥିଲା ଏବଂ ସେ ଗୁରୁତର ଭାବେ ଆହତ ହୋଇଥିଲେ। ବ୍ରିଟିସ ସେନା ପକ୍ଷରୁ ଯୁଦ୍ଧ ପରିଚାଳନା କରୁଥିଲେ ମେଜର୍ ଜେନେରାଲ ଡିଟି କୋୱାନ୍। ମାନେକଶାଙ୍କ ଅବସ୍ଥା ଓ ତାଙ୍କ ଦମ୍ଭ ଦେଖି ସେ ସଙ୍ଗେ ସଙ୍ଗେ ରଣାଙ୍ଗନରେ ହିଁ ତାଙ୍କୁ ମିଲିଟାରୀ କ୍ରସ ପ୍ରଦାନ କରି କହିଥିଲେ ମୃତ ସୈନିକକୁ ଏହା ଦିଆଯାଏ ନାହିଁ। ନିଅ, ଜୀବନ ଥାଉ ଥାଉ ଗ୍ରହଣ କର। ହେଲେ ସେ ବର୍ତି ଯାଇଥିଲେ। ତାଙ୍କ ବ୍ୟକ୍ତିଗତ ପରିଚାରକ ଶେର ସିଂହ ଗୋଳା ବର୍ଷକୁ ଖାତିର ନକରି, ତାଙ୍କୁ ରେଙ୍ଗୁନସ୍ଥିତ ସେନା ହସ୍‌ପିଟାଲରେ ପହଂଚାଇଥିଲେ। ସେଠାରେ ଡାକ୍ତରମାନେ ମାନେକଶାଙ୍କ ପେଟ, ଫୁସ୍‌ଫୁସ୍, ବୃକକ୍ ଆଦିରୁ ସାତଟି ଗୁଳି ବାହାର କରିଥିଲେ। ଅସ୍ତ୍ରୋପଚାର ବେଳେ କ'ଣ ହୋଇଛି ପଚାରିବାରୁ ସେ କହିଥିଲେ ଗଧଟିଏ ନାତ ମାରିଦେଇଛି। ଫିଲଡ୍ ମାର୍ସଲ ମାନେକଶା ଥିଲେ ଗୁଜୁରାଟ ଅନ୍ତର୍ଗତ ବଲ ସହରର ମୂଳ ବାସିନ୍ଦା। ତାଙ୍କ ପିତା ଥିଲେ ଜଣେ ପାରସୀ ଡାକ୍ତର। ସେ ପଞ୍ଜାବର ଅମୃତସରରେ କାମ କରୁଥିଲେ। ଫିଲଡ୍ ମାର୍ସଲ ମାନେକଶା ପ୍ରଥମେ ପିତାଙ୍କ ପରି ଡାକ୍ତର ହେବାକୁ ଚାହୁଁଥିଲେ। ହେଲେ ଲଣ୍ଡନରେ ଡାକ୍ତରୀ ପଢ଼ିବା ପାଇଁ ପିତା ଅନୁମତି ନ ଦେବାରୁ କାହାକୁ କିଛି ନକହି ଦେହରାଦୂନର ଇଣ୍ଡିଆନ୍ ମିଲିଟାରୀ ଏକାଡ଼େମୀରେ ଭର୍ତି ହୋଇଥିଲେ। ଭାରତୀୟ ସେନାର ଅପୂର୍ବ ବୀରତ୍ୱ ଗାଥାର ମୂର୍ତିମନ୍ତ ପ୍ରତୀକ ଥିଲେ ମାନେକଶା। ତାଙ୍କ ଜୀବନ କାଳ ଭିତରେ ପ୍ରତିକୂଳତା ସହ ଲଢ଼େଇ କରି ଭାରତ ବିଜୟର ଜୟଯାତ୍ରାକୁ ସେ ଯେଉଁ ସ୍ଥାନକୁ ନେଇଛନ୍ତି ତାହା ବର୍ତମାନର ସମୟରେ ଚିନ୍ତାର ବାହାରେ। ସୀମାନ୍ତ କ୍ଷେତ୍ର ଠାରୁ ହିମ ବରଫ କ୍ଷେତ୍ର ବା ମରୁ ଅଂଚଳ ସବୁଠାରେ ସେନାବାହିନୀର ପରାକ୍ରମର ଯେଉଁ କାହାଣୀ ଗାଥା ଜଡ଼ିତ ସେ ସବୁ ପଛରେ ସ୍ମରଣୀୟ ସ୍ମୃତି କିନ୍ତୁ ସମସ୍ତଙ୍କର ରହିଛି ପ୍ରାତଃ ବନ୍ଦନୀୟ ମାନେକଶାଙ୍କ ପାଖରେ। ଆମ ଭାରତର ସେନାବାହିନୀର ବିଭିନ୍ନ କମାଣ୍ଡ କ୍ଷେତ୍ରର ଯୁଦ୍ଧ ସ୍ମାରକୀ, ଜାତୀୟ ସଂଗ୍ରାହାଳୟ ଓ ପ୍ରତିରକ୍ଷା ସଂଗ୍ରହାଳୟରେ ମାନେକଶାଙ୍କ ସ୍ମୃତି ଓ ତାଙ୍କ ବ୍ୟବହୃତ ସେନା ସରଞ୍ଜାମ ପ୍ରଦର୍ଶିତ ହେଉଛି। ଭାରତୀୟ ସେନାବାହିନୀ ପକ୍ଷରୁ ତାଙ୍କ ବୀରତ୍ୱ ଗାଥାକୁ ନେଇ ପ୍ରାମାଣିକ ଚିତ୍ର ବି ପ୍ରସ୍ତୁତ ହୋଇଛି। ୧୯୧୪ ଏପ୍ରିଲ ୩ ତାରିଖ ଦିନରେ ଅମୃତସରରେ ସେ ଜନ୍ମ ହୋଇଥିଲେ।

ଶେଖ ଫରିଦ୍‌ଉଦ୍ଦିନ, ଦୂରସଂଚାର ଭବନ, ଲିଙ୍କରୋଡ଼, କଟକ, ଦୂରଭାଷ : ୯୪୩୭୦୦୪୮୮୮

ବାଲେଶ୍ୱର ବିଜେପି ପକ୍ଷରୁ ମୋଦିଜୀଙ୍କ ଜନ୍ମ ଦିବସ ଉପଲକ୍ଷେ ସେବା ସପ୍ତାହ ପାଳିତ

ବାଲେଶ୍ୱର (ପିଏନ୍): ଆଧୁନିକ ଭାରତର ନିର୍ମାତା ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ୬୯ତମ ଜନ୍ମଦିନକୁ ସାରା ଭାରତବର୍ଷରେ ସେବା ସପ୍ତାହ ରୂପେ ପାଳନ କରାଯାଉଛି। ଗତ ସେପ୍ଟେମ୍ବର ୧୪ ରୁ ୨୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ଏହି ସେବା ସପ୍ତାହରେ ଜିଲ୍ଲାର ବିଭିନ୍ନ ଜାଗାରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଆସୁଅଛି। ଏହି ପରିପ୍ରେକ୍ଷୀରେ ମହିଳା ମୋର୍ଚ୍ଚା ପକ୍ଷରୁ କାଳି ମନ୍ଦିର ପ୍ରାଙ୍ଗଣରେ ୬୯ଟି ଦୀପ ପ୍ରଜ୍ୱଳନ କରାଯାଇଥିଲା ଏବଂ ମୋଦିଜୀଙ୍କ ଦୀର୍ଘାୟୁ ଓ ସୁସ୍ଥ ଜୀବନ କାମନା କରି ପୂଜା ଅର୍ଚ୍ଚନା କରାଯାଇଥିଲା। ସେହିଭଳି ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟଠାରେ ରୋଗୀଙ୍କୁ ଫଳ ବଂଟନ କରାଯାଇଥିଲା ଏବଂ ପରେ ସମସ୍ତ କାର୍ଯ୍ୟକର୍ତା ସାଧାରଣ ଲୋକ ମିଶି ଏକ ଶପଥ ନେଇଥିଲେ କି ପ୍ଲାଷ୍ଟିକ ବସ୍ତୁକୁ ବ୍ୟବହାର କରିବା ନାହିଁ, ଜଳ ସଂରକ୍ଷଣ କରିବା, ପ୍ଲାଷ୍ଟିକ ମୁକ୍ତ ପରିବେଶ ଗଠନ କରିବା ପାଇଁ ନିଃସ୍ୱାର୍ଥପର ତଥା ନିଷ୍ଠାପର ଉଦ୍ୟମ ଜାରି ରଖିବା, ପାଣିକୁ ଅପବ୍ୟବହାର କରିବା ନାହିଁ। ଉକ୍ତ କାର୍ଯ୍ୟକ୍ରମରେ ସେବା ସପ୍ତାହର ଜିଲ୍ଲା ସଂଯୋଜକ ଗୌରାଙ୍ଗ ଦାସ, ଜିଲ୍ଲା ଉପ ସଭାପତି ଗଙ୍ଗାଧର ରାଉତ ଓ ପର୍ଶୁରାମ ବେହେରା, ନଗର ସଭାପତି ସୀତାକାନ୍ତ ସ୍ୱାଇଁ, ରବିନାରାୟଣ ମହାପାତ୍ର, ବୈଲୋଚନ ଦାସ, ଶୁଭଙ୍କର ମହାପାତ୍ର, ସୁଜିତ ଦେବ, ଚିତରଂଜନ ପଣ୍ଡା, ଉମାକାନ୍ତ ମହାପାତ୍ର, ଧୀରଜ ମହାନ୍ତି, ଯୋଗେନ ରଣା, ମଂଟୁ ପେରିଓ୍ୱାଲ, ବିନୟ ମହାରଣା, ଅରୂପ ଜେନା, ମହୁଆ ପ୍ରଧାନ, ସସ୍ମିତା ଦାସ, ସସ୍ମିତା ଚାନ୍ଦ, ସଂଯୁକ୍ତା ମହାପାତ୍ର, ଶ୍ରୀୟା ଦାସ,ସୁସ୍ମିତା ପଣ୍ଡା, ଜୀବନ ପାତ୍ର, ତରୁଣ ବର୍ଦ୍ଧନ, ବିବେକାନନ୍ଦ ରାଉତ, ଆଲୋକ ପଣ୍ଡା, ଅନନ୍ତ ଚାନ୍ଦ, ପ୍ରଦୀପ ପତି, ଅବିନାଶ ସେଠୀ, ବିଦ୍ୟାସାଗର ପଣ୍ଡା, ପିଂଟୁ ପୋଦ୍ଦାର, ସ୍ୱାଧୀନ ପଣ୍ଡା, ରଣଜିତ ପୃଷ୍ଟି, ବସନ୍ତ ନାୟକ, ବିଜୟ ସେଠୀ, କୌଶିକ ଚାନ୍ଦ, ସବିତା ପାଣିଗ୍ରାହୀ, ଜିତେନ୍ଦ୍ର ଷଡଙ୍ଗୀ, ଉତମ ଦାସ ଆଦି ବହୁ କାର୍ଯ୍ୟକର୍ତା ଉପସ୍ଥିତ ଥିଲେ।

ନିଶା ମାଫିଆ ରାଜା ଘରେ ଚଢାଉ, ଦୁଇଟି କାର୍ ଓ ସିସିଟିଭି ଜବତ

ବାଲେଶ୍ୱର (ପିଏନ୍): ଅନ୍ତଃରାଷ୍ଟ୍ରୀୟ ନିଶା ମାଫିଆ ସେଖ୍ ରାଜା ଘରେ ବାଲେଶ୍ୱର ଏସପି ବି. ଯୁଗଳ କିଶୋରଙ୍କ ତତ୍ତ୍ୱାବଧାନରେ ଏକ ସ୍ପେଶାଲ ସ୍କ୍ୱାର୍ଡ ଚଢାଉ କରିଛି। ଏହାସହ ଏହି ଟିମ୍ ଡ୍ରଗ୍ କାରବାରରେ ଲିପ୍ତ ଥିବା ବିଭିନ୍ନ ମାଫିଆଙ୍କ ଘରେ ମଧ୍ୟ ଚଢାଉ କରିଥିବା ଜଣାପଡିଛି। ବାଲେଶ୍ୱର ସହରର ଅରଡ ବଜାର ଓ ମସଜିଦ୍ ଗଳିରେ ଥିବା ରାଜାର ଘରେ ଡିଏସପି ମନୋଜ ରାଉତଙ୍କ ନେତୃତ୍ୱରେ ରେମୁଣା ଆଇଆଇସି ଶୁଭ୍ରାଂଶୁ ଶେଖର ନାୟକଙ୍କ ସମେତ ଅନ୍ୟ ପୁଲିସ

ମୋ ସହର

ଆଂଚଳିକ ଜନଚେତନା ସ୍ୱେଚ୍ଛାସେବୀ ପରିଷଦର ୧୮୩ତମ ସାଧାରଣ ବୈଠକ

ଧର୍ମଶାଳା,(ପିଏନ)- ଯାଜପୁର ଜିଲା ବଡଚଣା ଆଂଚଳିକ ଜନଚେତନା ସାମାଜିକ ସ୍ୱେଚ୍ଛାସେବୀ ପରିଷଦର ୧୮୩ତମ ସାଧାରଣ ବୈଠକ ଛତିଆସ୍ଥିତ ପ୍ରସିଦ୍ଧ ଅମରାବତୀ ପୀଠଠାରେ ସ୍ଥାୟୀ ସଭାପତି ପ୍ରଦୀପ୍ତ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ଅତିଥି ଭାବେ ଅଧ୍ୟାପିକା ପ୍ରଣବ କୁମାର ଦାସ, ଅଧ୍ୟାପକ ବ୍ରଜକିଶୋର ସ୍ୱାଇ, ପ୍ରଦୀପ୍ତ କୁମାର ସାହୁ, ଉମେଶ କୁମାର ଶିବଦାସ ଓ ଇଂ ସଞ୍ଜୟ କୁମାର ସାହାଣି ପ୍ରମୁଖ ଯୋଗ ଦେଇଥିଲେ । ଉକ୍ତ ଆଂଚଳିକ ଜନଚେତନା ସ୍ୱେଚ୍ଛାସେବୀ ଅନୁଷ୍ଠାନ ଜିଲ୍ଲାର ଅଗ୍ରଣୀ ସଂଗଠନ ଭାବେ କାର୍ଯ୍ୟକରି ଆସୁଅଛି ବୋଲି ପ୍ରଦୀପ୍ତ କୁମାର ସାହୁ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ବଡଚଣାରେ ଜଙ୍ଗଲ ପରିବେଶର ସୁରକ୍ଷା ପାଇଁ ଜଙ୍ଗଲ ବିଭାଗ କର୍ମଚାରୀ ଅଧିକ ଦାୟିତ୍ୱ ବହନ କରିବା ଦରକାର, ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ବଡଚଣାର ବିଭିନ୍ନ ଡାକ୍ତରଖାନାରେ ରୋଗୀମାନଙ୍କୁ ଦଲାଲମାନଙ୍କ କବଳରୁ ରକ୍ଷା କରିବା ପାଇଁ ଡାକ୍ତରମାନେ ଦୃଷ୍ଟି ଦେବାର ଆବଶ୍ୟକତା ରହିଅଛି । ସ୍ୱାସ୍ଥ୍ୟ କେନ୍ଦ୍ରରେ ସ୍ୱାସ୍ଥ୍ୟ କାର୍ଡଧାରୀ ମାନଙ୍କୁ ଠିକ ଭାବରେ ସେବା କରିବା ଦରକାର । ଦେବାଦେବୀ ପୀଠର ଉନ୍ନତିକରଣ, ଭାଗବତ ଟୁଙ୍ଗୀ, ଦେଉଳକୁରସ୍ଥିତ ଧର୍ମରାଜ ପ୍ରଭୁ ଯୁଧିଷ୍ଠିର ପୀଠ ବେଦୀହୁଡା ଠାରେ ମନ୍ଦିର ପ୍ରତିଷ୍ଠା ପାଇଁ ରାଜ୍ୟ ଭାଷାସାହିତ୍ୟ ଓ ସଂସ୍କୃତି ବିଭାଗର ଦୃଷ୍ଟିପଡିବା ପାଇଁ ଅନୁରୋଧ କରାଯାଇଛି । ୧୬ ନଂ ଜାତୀୟ ରାଜପଥର ବଡଚଣା ଠାରେ ଯାତ୍ରୀମାନଙ୍କ ପାଇଁ ବିଶ୍ରାମଗାର ଓ ଶୌଚାଳୟ ନିର୍ମାଣ ପାଇଁ ଜାତୀୟ ରାଜପଥ ପ୍ରାଧିକରଣ ମୁଖ୍ୟତଃ ଦୃଷ୍ଟି ଆକର୍ଷଣ କରାଯାଇଛି । ସରକାର ଯେଉଁଭଳି ଭାବରେ ସଡକ ସୁରକ୍ଷା ଓ ବାଇକ ଚାଳକ ମାନେ ହେଲମେଟ ପିନ୍ଧିବା ବାଧ୍ୟତା ମୂଳକ କରାଯାଇଛି ତାହା ସ୍ୱାଗତ ଯୋଗ୍ୟ ପଦକ୍ଷେପ । ଚଣ୍ଡିଖୋଲ ଛକଠାର ଦୁର୍ଘଟଣାକୁ ରୋକିବା କରିବା ପାଇଁ ଟ୍ରାଫିକ ବ୍ୟବସ୍ଥାକୁ କଡକଡି ଭାବେ ପଦକ୍ଷେପ ନିଆଯିବା ପାଇଁ ସଭାରେ ଅତିଥିମାନେ ଆଲୋଚନା କରି ଯାଜପୁର ଜିଲ୍ଲାପଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଉକ୍ତ ପରିଷଦରେ ନୂତନ ସଂପାଦକ ଭାବରେ ସଞ୍ଜୟ କୁମାର ସ୍ୱାଇଁ, ବିଷ୍ଣୁ ଚରଣ ମହାନ୍ତି ଓ ସରୋଜ କୁମାର ଓଝାଙ୍କୁ ମନୋନୀତ କରାଯାଇଛି ବୋଲି ସଭାପତି ଶ୍ରୀ ପ୍ରଧାନ ଘୋଷଣା କରିଥିଲେ । ଶେଷରେ ଅକ୍ଷୟ କୁମାର ସିଂ ଓ ବାପୁନୀ ସାହୁ ସମସ୍ତ ବନ୍ଧୁ ମାନଙ୍କୁ ମିଷ୍ଠାନ ବଂଟନ କରିଥିଲେ ।

ପହରିଆଙ୍କୁ ଆଦିବାସୀ ମାନ୍ୟତା ଦାବି

ନୂଆପଡ଼ା,(ପିଏନ)- ପହରିଆ ବା କମାର୍ ଏକ ଜନଜାତି । ଛତିଶଗଡ଼ ତଥା ମଧ୍ୟ ପ୍ରଦେଶରେ କମାର ମାନଙ୍କୁ ଆଦିମ ଜନଜାତି ମର୍ଯ୍ୟାଦା ମିଳିଥିବା ସ୍ଥଳେ, ଓଡ଼ିଶାରେ ସେମାନଙ୍କୁ ଆଦିବାସୀ ମାନ୍ୟତା ମିଳି ପାରି ନାହିଁ । ଏଥିଲାଗି ଓଡ଼ିଶାର କମାର ମାନେ ଗତ ୨ ଦଶନ୍ଧି ଧରି ସଂଗ୍ରାମ ଜାରି ରଖିଛନ୍ତି । କେତେ ବେଳେ ଜିଲ୍ଲା ପ୍ରଶାସନର ଦ୍ୱାରସ୍ତ ହୋଇଛନ୍ତି ତ ଆଉ କେତେ ବେଳେ ରାଜ୍ୟ ସରକାର ସହ କେନ୍ଦ୍ରକୁ ବିଭିନ୍ନ ସମୟରେ ପତ୍ର ଲେଖି ଦାବୀ କରିଛନ୍ତି, ହେଲେ ଆଦିବାସୀ ମାନ୍ୟତା ମିଳିବା ସେମାନଙ୍କ ପାଇଁ ସତେ ଯେମିତି ସ୍ୱପ୍ନ ହୋଇଯାଇଛି । ପହରିଆ ଜନଜାତି ଆମ ରାଜ୍ୟର ନୂଆପଡ଼ା, ବଲାଙ୍ଗିର, ବରଗଡ, କଳାହାଣ୍ଡି ଓ ନବରଙ୍ଗପୁର ପ୍ରଭୃତି ଜିଲ୍ଲାରେ ବସବାସ କରୁଥିବା ବେଳେ ଏମାନଙ୍କ ଜନସଂଖ୍ୟା ୭ ହଜାର ଭିତରେ ରହଛ । ଏମାନଙ୍କ ସବାଧିକ ୬୦ ପ୍ରତିଶତ ନୂଆପଡ଼ା ଜିଲ୍ଲାରେ ବାସ କରନ୍ତି । ନୂଆପଡ଼ା ଜିଲ୍ଲାର ଛତିଶଗଡ଼ ସୀମାକୁ ଲାଗି ରହିଥିବା ସିନାପାଲି ଓ କୋମନା ବ୍ଲକ୍‌ର ପାର୍ବତ୍ୟ ମାଳଭୂମି ଅଂଚଳରେ ଅଧିକାଂଶ କମାର ଜନଜାତିଙ୍କ ବସତି ଦେଖିବାକୁ ମିଳେ । ଏମାନଙ୍କ ଚଳଣୀ ଓ ଘରକରଣା ବାଉଁଶକୁ ନେଇ କେନ୍ଦ୍ରିତ । ବାଉଁଶରେ ଘରକରଣା ଏବଂ କୃଷି ଉପଯୋଗୀ ଯାବତୀୟ ସାମଗ୍ରୀ ପ୍ରସ୍ତୁତି କାର୍ଯ୍ୟକୁ କୌଳିକ ତଥା ମୁଖ୍ୟ ଜିବୀକା ଭାବେ ଆଦରି ଥିବା ଅଧିକାଂଶ ପହରିଆ-କମାର ଦାରୀଦ୍ର୍ୟର ସୀମାରେଖା ତଳେ ବାସବାସ କରୁଛନ୍ତି । ବାଉଁଶ କାମରୁ ସପ୍ତାହକୁ ମିଳୁଥିବା କେବଳ ୨୦୦/୩୦୦ ଟଙ୍କା ହିଁ ଅଧିକାଂଶ ପହରିଆ ପରିବାରଙ୍କର ସର୍ବସ୍ୱ ଆୟ । ଏପରିସ୍ଥଳେ, ଆଦୀବାସୀ ମାନ୍ୟତାରୁ ବଂଚିତ ହେବା, ସରକାରଙ୍କର ବିଭିନ୍ନ ସୁବିଧା ସୁଯୋଗ ନ ପାଇବା ଦ୍ୱାରା ଏମାନଙ୍କ ଆର୍ଥିକ ଏବଂ ସାମାଜିକ ସ୍ଥିତି ଦିନକୁ ଦିନ ଅତ୍ୟନ୍ତ ଖରାପ ହେବାରେ ଲାଗିଛି । ଇଂରେଜ ଶାସନ କାଳର ପ୍ରଶାସନିକ ବିବରଣୀରୁ କମାର ମାନଙ୍କ ବିଷୟରେ ଜାଣିବାକୁ ମିଳେ । ସେତେବେଳର ବ୍ରିଟିଶ ପ୍ରଶାସକ ତାଙ୍କର ବିବରଣୀରେ କମାର ସଂପ୍ରଦାୟର ଲୋକେ ଏକାନ୍ତରେ ରହିବା, ଜଙ୍ଗଲରେ ବସବାସ କରିବା ସହ ଜଙ୍ଗଲ ଜାତ ସାମଗ୍ରୀ ସଂଗ୍ରହ କରି ଜିବିକା ନିର୍ବାହ କରୁଥିବା ନେଇ ଉଲ୍ଲେଖ କରିଛନ୍ତି । ୧୯୦୧, ୧୯୧୧ ଓ ୧୯୧୬ ଜନଗଣନାରେ ପହରିଆ ମାନଙ୍କୁ ଆଦିବାସୀ ରୂପେ ଗଣନା କରାଯାଇଛି । ଫଳରେ ବ୍ରିଟିସ୍ ଶାସନ କାଳରେ ଏମାନଙ୍କୁ ସଂରକ୍ଷଣ ବ୍ୟବସ୍ଥା ଲାଗୁ କରାଯାଇଥିଲା । ଏହି ବ୍ୟବସ୍ଥା ମାଧ୍ୟମରେ ପହରିଆ ଗଉଁନ୍ତିଆ ମାନଙ୍କୁ ସୁରକ୍ଷା ବ୍ୟବସ୍ଥା ମିଳିଥିବା ବିଭିନ୍ନ ନଥିପତ୍ରରୁ ଜଣାଯାଏ । ଖଡ଼ିଆଳ ବ୍ଲକ୍‌ର କେନ୍ଦୁପାଟି ଗ୍ରାମ, ବୋଡ଼େନ ବ୍ଲକ୍‌ର କାଠ୍‌ଫାର ଏବଂ କୋମନା ବ୍ଲକ୍‌ର ଅଡ଼ାର ଗ୍ରାମର ଗଉଁନ୍ତିଆମାନଙ୍କୁ ସୁରକ୍ଷା ବ୍ୟବସ୍ଥା ମିଳିଥିଲା । ଫଳରେ ବିଭିନ୍ନ ଗ୍ରାମରେ ପହଁରିଆ ମାନେ ଗଉଁନ୍ତିଆ ଥିବା ପ୍ରମାଣ ମିଳେ । ତେବେ, ୧୯୩୬ ମସିହାରେ ଖଡ଼ିଆଳ ଜମିଦାରୀ ଓଡ଼ିଶାରେ ମିଶ୍ରଣ ହେଲା ଏବଂ ଏହି ଅଂଚଳରେ ବାସ କରୁଥିବା ପହରିଆ-କମାର ମାନେ ଓଡ଼ିଶାର ଅଧିବାସୀ ହୋଇ ନିଜର ଆଦିବାସୀ/ଜନଜାତି ମାନ୍ୟତା ହରାଇଥିଲେ । ଏହା ସହ ପହରିଆ ଗଉଁନ୍ତିଆ ମାନେ ବ୍ରିଟିସଙ୍କ ଠାରୁ ମିଳିଥିବା ତାଙ୍କର ପଦବୀ ସୁରକ୍ଷା ବ୍ୟବସ୍ଥା ହରାଇଥିଲେ ଏବଂ ଧିରେ ଧିରେ ତାଙ୍କର ଜମି ଅଣ ଆଦିବାସୀ ମାନଙ୍କୁ ହସ୍ତାନ୍ତର ହୋଇଯାଇଥିଲା । ବର୍ତମାନ ଓଡ଼ିଶାର ପହରିଆ ମାନଙ୍କ ମଧ୍ୟରେ ୯୦ ରୁ ଉର୍ଦ୍ଧ୍ୱ ଭାଗ ପରିବାର ଜମିହୀନ ଅଟନ୍ତି । ଓଡ଼ିଶାର ପହରିଆ ମାନଙ୍କୁ ସ୍ୱାଧିନ ଭାରତର ସମ୍ବିଧାନରେ ଜନଜାତି ତାଲିକାରେ ସ୍ଥାନ ଦିଆନଯିବା ପଛରେ କୌଣସି ଅଭିଶନ୍ଧି ଥାଇପାରେ । ତେବେ, ସେତେବେଳେ ଜନଗଣନା ଦାୟିତ୍ୱରେ ଥିବା କର୍ମଚାରୀ ମାନେ କମାର ବା ପହରିଆ ମାନଙ୍କ ବିଷୟରେ ଜାଣି ନଥିବାରୁ, କମାର ମାନଙ୍କୁ ଲୁହା କାମ କରୁଥିବା ଜାତି ଭାବେ ଅଭିହିତ କରି ଜନଜାତି ତାଲିକାରୁ ବାଦ୍ ଦେଇଥିବା ଅନୁମାନ କରାଯାଏ । ୧୯୮୩ ମସିହାରେ ଅଧ୍ୟାପକ ଡ.ଫଣିନ୍ଦମ ଦେଓ ତାଙ୍କର ଗବେଷଣା ମାଧ୍ୟମରେ ପହରିଆଙ୍କୁ ଆଦିବାସି ମାନ୍ୟତା ନେଇ କଥା ଉଠାଇଥିଲେ । ଅଶି ଦଶକରେ ବିଧାନସଭାରେ ମଧ୍ୟ ପହରିଆଙ୍କ ସମସ୍ୟାକୁ ନେଇ ପ୍ରଶ୍ନ ଉଠିଥିଲା । ତେବେ ସମସ୍ୟାର ସମାଧାନ ଲାଗି କୌଣସି ପଦକ୍ଷେପ ନିଆଯାଇନଥିଲା । ଗତ ୨୦୦୦ ମସିହା ବେଳକୁ ପହରିଆଙ୍କ ଜାତିଗତ ସ୍ଥିତ ସମ୍ବନ୍ଧରେ ଅନୁଧ୍ୟାନ କରାଯିବା ପରେ ଗତ ୨୦୦୫ ମସିହାରେ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ହୋଇଥିବା ଟି.ଏ.ସି. ବୈଠକରେ ପହରିଆ ମାନଙ୍କୁ ସମ୍ବିଧାନରେ ଜନଜାତି ଭାବେ ସ୍ଥାନ ଦେବାଲାଗି କେନ୍ଦ୍ରକୁ ପ୍ରସ୍ତାବ ଦିଆଯାଇଥିଲା । ଏହାପରେ କ୍ରମାଗତ ଭାବେ ୨୦୦୬ ଏବଂ ୨୦୦୭ ମସିହାରେ ଟି.ଏ.ସି. ବୈଠକରେ ମଧ୍ୟ ଓଡ଼ିଶା ସରକାରଙ୍କ ତରଫରୁ କେନ୍ଦ୍ର ସରକାରଙ୍କୁ ଜନଜାତି ତାଲିକାରେ ସ୍ଥାନ ଦେବାଲାଗି ଅନୁରୋଧ କରାଯାଇଛି ।

ଭୁବନେଶ୍ୱର ସଂସ୍କରଣଟି ସିଏସ୍ ଆଇଟିଓ୍ୱିଜ୍ ୨୦୧୯ ଆସନ୍ତା ୬ରେ

ଭୁବନେଶ୍ୱର,୩/୯ : ଦେଶର ଅଗ୍ରଣୀ ଆଇଟି ସେବା, ବ୍ୟବସାୟ ଓ ପରାମର୍ଶଦାତା କଂପାନୀ ଟାଟା କନସଲଟାନ୍‌ସୀସର୍ଭିସ (ଟିସିଏସ୍) ନିଜର ଭୁବନେଶ୍ୱର ସଂସ୍କରଣ ଆଇଟିଓ୍ୱିଜ୍ ୨୦୧୯ ଆସନ୍ତା ୬ ତାରିଖରେ ଭୁବନେଶ୍ୱର ଜୟଦେବ ବିହାର ରୋଡ଼ରେ ଥିବା ହୋଟେଲ ପାଲହାଇଟରେ ଆୟୋଜନ କରିବା ବିଷୟ ଘୋଷଣା କରିଛି । ଆଇଟିଓ୍ୱିଜ୍ ହେଉଛି ଦେଶର ସର୍ବବୃହତ ପ୍ରଯୁକ୍ତିକ୍ୱିଜ୍ ଯାହା ବିଦ୍ୟାଳୟ ପିଲାଙ୍କ ପାଇଁ ଉଦ୍ଦିଷ୍ଟ । ଏହି ପ୍ରତିଯୋଗିତାରେ ଅଷ୍ଟମରୁ ଦ୍ୱାଦଶ ଶ୍ରେଣୀ ମଧ୍ୟରେ ପାଠ ପଢୁଥିବା ଛାତ୍ରଛାତ୍ରୀ ଅଂଶଗ୍ରହଣ କରିପାରିବେ । ପ୍ରତି ଅନୁଷ୍ଠାନ ସର୍ବାଧିକ ୧୦ଟି ଦଳ (ପ୍ରତ୍ୟେକ ଦଳରେ ୨ ପ୍ରତିଯୋଗୀ) ଅଂଶଗ୍ରହଣ ପାଇଁ ପଠାଇପାରିବେ । ଏଥିପାଇଁ କୌଣସି ପ୍ରବେଶିକା ଦେୟ ରଖାଯାଇ ନାହିଁ । ଦେଶର ୧୨ଟି ସ୍ଥାନ ଅହମ୍ମଦାବାଦ, ବେଙ୍ଗାଲୁରୁ, ଭୁବନେଶ୍ୱର, ଚେନ୍ନାଇ, ଦିଲ୍ଲୀ, ହାଇଦ୍ରାବାଦ, ଇନ୍ଦୋର, କୋଚି, କୋଲକୋତା, ମୁମ୍ବାଇ, ନାଗପୁର ଓ ପୁନେ ଠାରେ ଟିସିଏସ୍ ଆଇଟିଓ୍ୱିଜ୍ ୨୦୧୯ ଅନୁଷ୍ଠିତ ହେବ । ଏଥିପାଇଁ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଜରିଆରେ ସେପ୍ଟେମ୍ବର ୩ ତାରିଖ ପୂର୍ବରୁ ଆବେଦନ ପତ୍ର କ୍ୱିଜ ସଂଯୋଜକ, ଟିସିଏସ୍ ଆଇଟିଓ୍ୱିଜ୍, ଟାଟାକନସଲଟାନ୍‌ସୀସର୍ଭିସ, ଏସ୍‌ଇଜେଡ୍ ପ୍ଲଟ- ୩୫, ଚନ୍ଦକାଶିଳ୍ପାଞ୍ଚଳ, ପଟିଆ, ଭୁବନେଶ୍ୱର- ୭୫୧୦୨୪କୁ ପଠାଇବା ପାଇଁ କୁହାଯାଇଛି । ଇମେଲରେ kal iprasad.tripathy@tcs.com ରେ ପଠାଯାଇପାରିବା ଏବଂ www.tcsitwiz.com ରେ ମଧ୍ୟ ଆବେଦନ କରିପାରିବେ । ପ୍ରାଥମିକ ଲିଖିତ ପର୍ଯ୍ୟାୟରୁ ସର୍ବଶ୍ରେଷ୍ଠ ୬ଟି ଦଳ ଆଂଚଳିକ ପର୍ଯ୍ୟାୟକୁ ଯିବେ । ଆଞ୍ଚଳିକ ପର୍ଯ୍ୟାୟରବିଜେତା ଆଗାମୀଡ଼ିସେମ୍ବରମାସରେମୁମ୍ବାଇଠାରେ ଅନୁଷ୍ଠିତହେବାକୁ ଥିବା ଚୂଡ଼ାନ୍ତ ଫାଇନାଲରେ ଅଂଶଗ୍ରହଣକରିବେ । ଆଞ୍ଚଳିକ ପର୍ଯ୍ୟାୟରଚମ୍ପିୟାନ ୬୦,୦୦୦ ଟଙ୍କା ଓ ରନର୍ସ ଅପ ୪୦,୦୦୦ ଟଙ୍କା ପୁରସ୍କାରରାଶି ପାଇବେ । ଏଥିସହସ୍ୱତନ୍ତ୍ରଭାବେ ପ୍ରସ୍ତୁତ କରାଯାଇଥିବା ଟ୍ରଫି ଓ ମେଡ଼ାଲ ପ୍ରଦାନ କରାଯିବ ।

ପ୍ରିମିୟମ ପୁରୁଷ ପୋଷାକ ବ୍ରାଣ୍ଡ୍ ଲୁଇ ଫିଲିପ୍ସ ପକ୍ଷରୁ ଭୁବନେଶ୍ୱରରେ ପଂଚମ ଷ୍ଟୋର୍ ଉଦ୍‌ଘାଟିତ

ଭୁବନେଶ୍ୱର: ଭାରତର ଅଗ୍ରଣୀ ପ୍ରିମିୟମ୍ ଆନ୍ତର୍ଜାତିକ ପୁରୁଷ ପରିଧାନ ବ୍ରାଣ୍ଡ୍ ଲୁଇ ଫିଲିପ୍ ପକ୍ଷରୁ ଭୁବନେଶ୍ୱରରେ ଏହାର ପଂଚମ ଷ୍ଟୋର୍ ଖୋଲାଯାଇଛି । ୧୯୮୯ରେ ଆଦିତ୍ୟ ବିର୍ଲା ଗ୍ରୁପ ପକ୍ଷରୁ ଲୁଇ ଫିଲିପ୍‌କୁ ଭାରତ ଅଣାଯାଇଥିଲା ଏହା ପର ଠାରୁ ଏହି ବ୍ରାଣ୍ଡ୍ ଏହାର ସ୍ୱତନ୍ତ୍ର କାରିଗରି ଏବଂ କ୍ଲାସିକ୍ ତଥା ପାରମ୍ପରିକ ଛାପ ଯୋଗୁ ବେଶ ଲୋକପ୍ରିୟ ହୋଇପାରିଛି । ସହରରେ ନୂତନ ଭାବେ ଖୋଲାଯାଇଥିବା ଏହି ପଂଚମ ଷ୍ଟୋର୍‌ଟି ଡିଏନ୍ ରେଗାଲିଆ ମଲ୍‌ରେ ଖୋଲାଯାଇଛି ଏବଂ ୧୧୦୦ ବର୍ଗଫୁଟରେ ସ୍ଥାପନ କରାଯାଇଛି । ଏହାକୁ ମିଶାଇ ଓଡ଼ିଶାରେ ଲୁଇ ଫିଲିପ୍‌ର ଷ୍ଟୋର୍ ସଂଖ୍ୟା ୬ରେ ପହଂଚିଛି ।

ଏହି ବ୍ରାଣ୍ଡ୍ ପକ୍ଷରୁ ଏହାର ସଦ୍ୟତମ ପରମାପ୍ରେସ୍ ସମ୍ଭାର ସହିତ ଏକ ନୂତନ ଅଭିଯାନ "ଷ୍ଟେ ଅନକ୍ରସଡ୍'ର ଶୁଭାରମ୍ଭ କରାଯାଇଛି । ଏହା ଏକ ବାସ୍ତବ ନେତୃତ୍ୱର ନମନୀୟ ଏବଂ ନିର୍ଦ୍ଦିଷ୍ଟ ମନୋବଳକୁ ପ୍ରତିଫଳିତ କରୁଛି ।

ଏହି ଅବସରରେ ଫରିଦା କଲିଆଦାନ, ସିଓଓ, ଲୁଇ ଫିଲିପ କହିଛନ୍ତି ଯେ, "ଖୁଚୁରା କ୍ଷେତ୍ରରେ ଅଭିବୃଦ୍ଧି ସାଙ୍ଗକୁ ଗ୍ରାହକ ଚାହିଦାରେ ଦେଖାଦେଇଥିବା ବୃଦ୍ଧି ଏହି ବ୍ରାଣ୍ଡ୍ ପାଇଁ ଭୁବନେଶ୍ୱରକୁ ଆକର୍ଷଣୀୟ ବଜାରରେ ପରିଣତ କରିଛି । ସହରରେ ଆମର ପଂଚମ ଷ୍ଟୋର୍‌କୁ ଉନ୍ମୋଚନ କରି ଆମେ ବହୁତ ଆନନ୍ଦିତ ଯେଉଁଥିରେ ବ୍ୟାପକ ପ୍ରକାରର ପ୍ରିମିୟମ ପୋଷାକ ପ୍ରତିଟି ଅବସର ପାଇଁ ରହିଛି । ଏହି ଷ୍ଟୋର ଶୁଭାରମ୍ଭ ଆମ ପାଇଁ ଏକ ବହୁତ ବଡ଼ ସଫଳତା ଏବଂ ଲୁଇ ଫିଲିପ ପାଇଁ ଏହି ସହରର ଗୁରୁତ୍ୱକୁ ଜଣାଉଛି । ସୁପରିୟର କାରିଗରି, ଶ୍ରେଷ୍ଠ ମାନ ଓ ଅତୁଳନୀୟ ଖୁଚୁରା ଅନୁଭୂତି ଜରିଆରେ ଆମେ ଆମ ଷ୍ଟୋର୍‌ରେ ଆମର ପୃଷ୍ଠପୋଷକମାନଙ୍କୁ ଉଲ୍ଲସିତ କରି ଗ୍ରାହକ ଅନୁଭୂତିରେ ଉନ୍ନତି ଆଣିବାକୁ ଚାହୁଁଛୁ ।''

ଭାରତରେ ପ୍ରିମିୟମ ପୋଷାକ ପରିଧାନ ବର୍ଗରେ ଲୁଇ ଫିଲିପ ଅଗ୍ରଣୀ ରହିଛି । ଗ୍ରାହକଙ୍କ ସୁବିଧା ଅନୁସାରେ କଂପାନି ନିଜ ଭିତରେ ନୂତନତ୍ୱ ଆଣୁଛି ଏଂ ସେହି ଅନୁସାରେ ଫର୍ମାଲ, ସେମି-ଫର୍ମାଲ, କାଜୁଆଲ, ବିବାହ ପୋଷାକ ଓ ଆକ୍‌ସେସୋରିଜ୍ ପ୍ରଦାନ କରୁଛି । ଷ୍ଟାଇଲ ସଚେତନ ପୁରୁଷଙ୍କ ଫେସନ ଆବଶ୍ୟକତାକୁ ପୂରଣ କରିବା ପାଇଁ ଭୁବନେଶ୍ୱରର ଏହି ନୂଆ ଷ୍ଟୋରରେ ସୁଟ, ସାର୍ଟ, ଟ୍ରାଉଜର, ଟି-ସାର୍ଟ, ଜିନ୍ସ, ଫୁଟୱୟାର ଓ ଆକ୍‌ସେସୋରିଜ୍ ଆଦି ରହିଛି । ଏହି ଷ୍ଟୋର୍‌ରେ ପାମ୍ପରେସ୍ ଭୋଏଜ୍, ଦି ଫାଇନେଷ୍ଟ ରିଙ୍କିଲ ଫ୍ରି ସମ୍ଭାର, ଗଡସ୍ ଆଣ୍ଡ୍ କିଙ୍ଗସ୍ ରେଂଜ୍, ଲକ୍‌ଜୁରି, ଏଲ୍‌ପି ଲୁକ୍ସର, ଏଲ୍‌ପି ସ୍ପୋର୍ଟସ ଓ ଏଲ୍‌ପି ଜିନ୍ସ ଭଳି ପୋଷାକ ସମ୍ଭାର ରହିଛି ।

ହିରୋ ମୋଟୋକର୍ପ ର କାରିବିଆନ ପ୍ରିମିୟର ଲିଗ ପ୍ରାୟୋଜନ ଅବଧି ତିନି ବର୍ଷ ବୃଦ୍ଧି

ଭୁବନେଶ୍ୱର : ହିରୋ ମୋଟୋକର୍ପ ପକ୍ଷରୁ କାରିବିଆନ ପ୍ରିମିୟର ଲିଗ (ସିପିଏଲ)ର ପ୍ରାୟୋଜନ ଅଗାମୀ ୩ ବର୍ଷ ପାଇଁ ବଢାଇବାକୁ ସମ୍ମତି ପ୍ରକାଶ ପାଇଛି । ଏହା ଦ୍ୱାରା ବିଶ୍ୱର ସର୍ବ ବୃହତ ମୋଟର ସାଇକେଲ ନିର୍ମାତା ହିରୋ ମୋଟୋକର୍ପ ର କାରିବିଆନ ଲିଗ ର ୨୦୨୨ ପର୍ଯ୍ୟନ୍ତ ମୁଖ୍ୟ ପ୍ରାୟୋଜକ ରହିବେ । ଟ୍ୱେଂଟି ଟ୍ୱେଂଟି କ୍ରିକେଟ ଲିଗର ଟାଇଟଲ ପ୍ରାୟୋଜକ ଭାବେ ୨୦୧୫ରୁ ହିରୋ ମୋଟୋକର୍ପ ସହାୟତା ଦେଇଆସୁଛି ।

ହିରୋ ମୋଟୋକର୍ପ ଦିର୍ଘ ସମୟ ଧରି ଭାରତ ଏବଂ ବିଶ୍ୱରେ ଅନ୍ୟ ସ୍ଥାନ ମାନଙ୍କରେ କ୍ରିକେଟ, ଫୁଟବଲ, ହକି ଏବଂ ଗଲ୍ଫ ଆଦି ଖେଳରେ ସହଭାଗୀତା କରିଆସୁଛି । କାରିବିଆନ ପ୍ରିମିୟର ଲିଗ ସହ ସମ୍ପର୍କ ଏହାର ବିଶ୍ୱ କ୍ରିଡାରେ ସ୍ଥାନ ମଜଭୁତ କରିବାରେ ସଫଳ ହୋଇଛି ।

ଏହି ଅବସରରେ ହିରୋ ସିପିଏଲର ଅଧ୍ୟକ୍ଷ, ରିଚାର୍ଡ ବେଭାନ, କହିଛନ୍ତି, "ହିରୋ ଏବଂ ସିପିଏଲ ପ୍ରତ୍ୟେକ କ୍ରିକେଟ ପ୍ରେମିଙ୍କ ପାଇଁ ଜଣାଶୁଣା ନାମ । ଏହା ଆନନ୍ଦର ବିଷୟ ଯେ ବିଶ୍ୱପ୍ରସିଦ୍ଧ ଦୁଇଚକିଆ ଯାନ ନିର୍ମାତା ଆଗାମି ୩ ବର୍ଷ ପାଇଁ ସହଯୋଗର ହାତ ବଢାଇଛନ୍ତି ।"

ହିରୋ ମୋଟୋକର୍ପ ଅଧ୍ୟକ୍ଷ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡଃ ପଓ୍ୱନ ମୁଞ୍ଜଲ ଏହି ଘୋଷଣା କରି କହିଛନ୍ତି ଯେ, "ହିରୋ ବିଶ୍ୱର ସବୁଠାରୁ ଲୋକପ୍ରିୟ ଖେଳ ଟି-୨୦ ସହ ସହଯୋଗ ଜାରି ରଖିଥିବାରୁ ଆନନ୍ଦିତ ସିପିଏଲ ର ସ୍ଥାପନା ଦିନଠାରୁ ହିରୋ ଜଡିତ । ଏହି ଟୁର୍ଣ୍ଣାମେଂଟର ଉନ୍ନତି କାରିବିଆନ କ୍ରିକେଟକୁ ନବଯୌବନ ଦେଇପାରିଛି । ଏହାର ଟାଇଟଲ ପ୍ରାୟୋଜନର ଅବଧିରେ ବୃଦ୍ଧି ହିରୋର ଦୀର୍ଘସୁତ୍ରି ପ୍ରତିଶୃତିବଦ୍ଧତା ଦର୍ଶାଉଛି ।"

୨୦୧୩ ମସିହାରେ ଆରମ୍ଭ ହୋଇଥିବା କାରିବିଆନ ପ୍ରିମିୟର ଲିଗ (ସିପିଏଲ) ଫ୍ରାନ୍‌ଚାଇଜ ଆଧାରିତ ଟି ୨୦ କ୍ରିକେଟ ଟୁର୍ଣ୍ଣାମେଂଟ କାରିବିଆନ ଜୀବନରେ ଦୁଇଟି ପ୍ରମୁଖ ଧାରା ନାଟକୀୟ କ୍ରିକେଟ ଓ କାର୍ଣ୍ଣିଭାଲ ବାତାବରଣକୁ ପ୍ରତିନିଧିତ୍ୱ କରୁଛି । ୨୦୦ନିୟୁତ ଉର୍ଦ୍ଧ୍ୱ ଟେଲିଭିଜନ ଓ ଡିଜିଟାଲ ଦର୍ଶକ ଏହି ଟୁର୍ଣ୍ଣାମେଂଟକୁ ୨୦୧୮ ସିଜିନରେ ଉପଭୋଗ କରିଥିଲେ । ୨୦୧୮ ରେ ଏହି ଟୁର୍ଣ୍ଣାମେଂଟ ୧୨୭ ନିୟୁତ ଆମେରିକୀୟ ଡଲାର ର ବ୍ୟବସାୟ କରିପାରିଥିଲେ । ବର୍ତମାନ ଟ୍ରିନବାଗୋ ନାଇଟ ରାଇଡର୍ସ ହିରୋ ସିପିଏଲ ର ଚମ୍ପିଆନ ଆଖ୍ୟା ବଜାୟ ରଖିଛି । ଅନ୍ୟ ଫ୍ରାନ୍‌ଚାଇଜ ମାନେ ହେଲେ ବାର୍ବାଡୋସ ଟ୍ରାଇଡେଂଟସ, ଗୁଏନା ଆମାଜନ ୱାରିଅରର୍ସ, ସେଂଟ କିଟସ ଏଣ୍ଡ ନେଭିସ ପାର୍ଟିଅଟସ,ସେଂଟ ଲୁସିଆ ଜୌକସ ଏବଂ ଜାମାଇକା ଟଲାଓ୍ୱାସ । ୨୦୧୯ ମସିହାରେ ଏହି ଟୁର୍ଣ୍ଣାମେଂଟ ସେପ୍ଟେମ୍ବର ୪ ରୁ ଅକ୍ଟୋବର ୧୨ ମଧ୍ୟରେ ଅନୁଷ୍ଠିତ ହେବ ।

ନିଖୋଜ ବ୍ୟକ୍ତିର ମୃତଦେହ ପୋଖରୀରୁ ଉଦ୍ଧାର

କେନ୍ଦୁଝର, (ପିଏନ)- କେନ୍ଦୁଝର ଜିଲ୍ଲା ତେଲକୋଇ ଥାନା ଅନ୍ତର୍ଗତ ର

ଖେଳି

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

ପର୍ଯ୍ୟବେକ୍ଷକ

PARYABEKHYAK

Bhubaneswar Monday Sept 23 | ଭୁବନେଶ୍ୱର | ସୋମବାର, ସେପ୍ଟେମ୍ବର ୨୩ | Daily Edition : R.N.I.No: ODIODI /1999/00717 | Postal Regd. No: BN/57/18-20 | www.paryabekhyak.com | ୮

ରାଜ୍ୟ ସମାଜସେବୀ ମହାସଂଘର ଗଠନ ଓ ଆଭିମୁଖ୍ୟ

ଭୁବନେଶ୍ୱର,(ପିଏନ)-ସାମାଜିକ କର୍ମୀ ଓ ସାମାଜିକ ସଂଗଠନକକୁ ସୁରକ୍ଷା ଓ ମଜବୁତ୍ କରିବା ପାଇଁ "ରାଜ୍ୟ ସମାଜସେବୀ ମହାସଂଘ"ର ନିର୍ମାଣ ହୋଇଛି । ସମାଜର ଅବ୍ୟବସ୍ଥାକୁ ସୁଧାରିବା ଓ ସାମାଜିକ କର୍ମକୁ ସରକାରଙ୍କ ଦୃଷ୍ଟି ଗୋଚରକୁ ଆଣି ଏହାରତୁରନ୍ତ ସମାଧାନ ପାଇଁ ରାଜ୍ୟ ସମାଜସେବୀ ମହାସଂଘ ସଦା ତତ୍ପର ରହିବ । ଏହି କାର୍ଯ୍ୟକ୍ରମ ଦ୍ୱାରା ବହୁ ସାମାଜିକ କର୍ମୀ ଓ ସଂଗଠନମାନେ ଉପକୃତ ହେବେ । ଏହି ମହାସଂଘରେ ୬୮ ଗୋଟି ସଂଗଠନ ଯୋଗଦାନ ଦେଇଛନ୍ତି । ଆଗାମୀ ଦିନରେ ଓଡ଼ିଶା ତଥା ରାଜ୍ୟ ବାହାରର ବହୁ ସାମାଜିକ ସଂଗଠନମାନ ଯୋଗ ଦେଇ, ସମାଜ କଲ୍ୟାଣକୁ ଆଗକୁ ବଢ଼ାଇବେ ବୋଲି ଆଶା କରାଯାଇଛି । ଏହି ପ୍ରତିଷ୍ଠା ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ଡି.ଜି. ଶ୍ରୀଯୁକ୍ତ ସଂଜୀବ ମାରିକ ଉପସ୍ଥିତ ଥିଲେ । ସମସ୍ତ ସାମାଜିକ ସଂଗଠନମାନଙ୍କୁ ଏକ ଡୋରୀରେ ବାନ୍ଧି ଶୃଙ୍ଖଳିତ ଭାବରେ ପରିଚାଳିତ କରିବାର, ରାଜ୍ୟ ସମାଜସେବୀ ମହାସଂଘର ସୁନ୍ଦର ପ୍ରୟାସ ବୋଲି, ସଂଘର ସଭାପତି ଶ୍ରୀଯୁକ୍ତ ନରୋତମ ଦାସ ସୂଚନା ଦେଇଛନ୍ତି । ସଂଗଠନର ପରିଚାଳନା କମିଟି ଓ ସଦସ୍ୟମାନଙ୍କର ପଦବୀମାନ ଘୋଷଣା କରାଯାଇଛି । ଶୃଙ୍ଖଳା କମିଟି ଭାବେ-ମୁନାଲାଲ୍ ଅଗ୍ରୱାଲ୍, ଦେବଦାସ ମହାନ୍ତି, ସମ୍ପାଦକ ଭାବେ-ସାଗର ଦାସ, କାର୍ଯ୍ୟକାରୀ ସଭାପତି ଭାବେ- ନାରାୟଣ ସାହୁ, ରଞ୍ଜନ ମହାପାତ୍ର, ଉପସଭାପତି ଭାବେ - ପିତାମ୍ବର ପଲେଇ, ଡୁଡୁଲ୍ ସ୍ୱାଇଁ, ସହସମ୍ପାଦକ ଭାବେ - ସନାତନ ଚୌଧୁରୀ, ଶିବବ୍ରତ ଶତପଥି, ଉପଦେଷ୍ଟା ଭାବେ - ଦେବାଶିଷ ପଟ୍ଟନାୟକ, ଅମୀୟବାଳା ପରିଡ଼ା, ଆବାହକ- ଶ୍ରୀପତୀ ଆଚାର୍ଯ୍ୟ, କୋଷାଧକ୍ଷ- ପ୍ରଶାନ୍ତ ମୁଦୁଲି ପ୍ରମୁଖ ମନୋନୀତ ହୋଇଛନ୍ତି ।

ତୃତୀୟ ତଥା ଅନ୍ତିମ ଟି-୨୦ ଅବସରରେ ଏକ ସଟ୍ ଖେଳୁଛନ୍ତି

ବିମାନ ଚଳାଚଳ କ୍ଷେତ୍ରରେ ଇତିହାସ ରଚିଲା ଗୋଏୟାର

ଭୁବନେଶ୍ୱର: ଭାରତୀୟ ବିମାନ ଚଳାଚଳ କ୍ଷେତ୍ରରେ ଗୋଏୟାର ଇତିହାସ ରଚିଛି । କ୍ରମାଗତ ୧୨ତମ ମାସ ପାଇଁ ଏହା ଦେଶର ସବୁଠୁ ସମୟାନୁବର୍ତୀ ବିମାନ କଂପାନିର ମାନ୍ୟତା ହାସଲ କରିଛି ବୋଲି ଭାରତୀୟ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ (ଡିଜିସିଏ) ରିପୋର୍ଟରୁ ଜଣାପଡ଼ିଛି । ଅନ୍-ଟାଇମ୍ ପରଫରମାନ୍ସରେ କ୍ରମାଗତ ୧୨ତମ ମାସ ପାଇଁ ଗୋଏୟାର ଶୀର୍ଷ ସ୍ଥାନରେ ରହିଛି । ୨୦୧୯ ଅଗଷ୍ଟରେ ମଧ୍ୟ କଂପାନି ଏହି ସଫଳତାକୁ ଦୋହରାଇଛି ।

ଡିଜିସିଏ ତରଫରୁ ଜାରି କରାଯାଇଥିବା ତଥ୍ୟ ମୁତାବକ ଗୋଏୟାରର ଅନ ଟାଇମ୍ ପରଫରମାନ୍ସ (ଓଟିପି) ୮୫.୧% ରହିଛି । ୨୦୧୯ ଅଗଷ୍ଟରେ ଗୋଏୟାର ମୋଟ ୧୩ ଲକ୍ଷ ୯୧ ହଜାର ଯାତ୍ରୀଙ୍କୁ ସେବା ଯୋଗାଇ ଦେଇଥିବା ବେଳେ ମାତ୍ର ୦.୮୫% ଯାତ୍ରୀ ସେମାନଙ୍କ ଯାତ୍ରା ବାତିଲ କରିଛନ୍ତି । ଏହି ମାସରେ ବିମାନ ଶିଳ୍ପରେ ଏହି ହାର ଏହା ଠାରୁ ଯଥେଷ୍ଟ ଅଧିକ ୧.୬୧% ରହିଥିଲା । ୨୦୧୯ ଅଗଷ୍ଟରେ ଏହି ବିମାନ କଂପାନିର ୧୦,୦୦୦ ଯାତ୍ରୀ ପିଛା ଅଭିଯୋଗ ମାତ୍ରା ମାତ୍ର ୦.୪ ରହିଛି ।

ଶ୍ରୀଯୁକ୍ତ ଜେହ୍ ୱାଡିଆ, ପରିଚାଳନା ନିର୍ଦ୍ଦେଶକ, ଗୋଏୟାର କହିଛନ୍ତି ଯେ, "ଆଜି ଗୋଏୟାର ସମଗ୍ର ଭାରତୀୟ ବିମାନ ଶିଳ୍ପ, ଡିଜିସିଏ ଏବଂ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟକୁ ଗର୍ବିତ କରିଛି । ଆଜି ଗୋଏୟାର ସାରା ଦୁନିଆକୁ ଏହା ଜଣାଇ ଦେଇଛି ଯେ ବିମାନ କଂପାନିଗୁଡ଼ିକ ପାଇଁ ମଧ୍ୟ ଯେଉଁ ଠାରେ ଇଚ୍ଛା ଶକ୍ତି ଅଛି ସେଠାରେ ବାଟ ରହିଛି ବୋଲି ପ୍ରମାଣିତ ହୋଇଛି । ଏହା ହେଉଛି ଭାରତୀୟ ବିମାନ ଶିଳ୍ପର ପରିପକ୍ୱତା ଏବଂ କ୍ରମାଗତ ୧୨ ମାସ ପାଇଁ ନେତୃତ୍ୱ ସ୍ଥାନରେ ରହିବା ସଫଳତା ଉତ୍ସବ ପାଳନ କରିବାର ସମୟ । ଏହି ଭଲ ଖବର ସକାରାତ୍ମକ ପ୍ରଭାବ ଆଣିଥିବା ବେଳେ ଏହା ଭାରତୀୟ ବିମାନ ଶିଳ୍ପରେ ମାନଦଣ୍ଡ ସୃଷ୍ଟି କରିଛି ।''

ସେ ଏହା ମଧ୍ୟ କହିଛନ୍ତି ଯେ, ଆମର ସବୁ ବିମାନରେ ମହୋଦୟ ଓ ମହୋଦୟା ସମ୍ବୋଧନ କରାଯାଉଛି । ସଠିକ୍ ସମୟ ପ୍ରଦର୍ଶନ ପାଇଁ ଗୋଏୟାର ପ୍ରତିବଦ୍ଧ ଏବଂ ଆମର ୪୮୦୦ କର୍ମଚାରୀ ସେଦିଗରେ ନିରନ୍ତର କାର୍ଯ୍ୟ କରୁଛନ୍ତି । ସର୍ଭେ ପରେ ସର୍ଭେ କରି ଆମେ ଜାଣିପାରିଛୁ ଯେ ମୂଲ୍ୟ, ନେଟୱର୍କ ସଂଯୋଗ, ଗ୍ରାହକ ସେବା ଏବଂ ଖାଦ୍ୟ ଠାରୁ ବହୁତ ଉପରେ ରହିଛି ସମୟାନୁବର୍ତୀତା । ଗ୍ରାହକ ଖୁସି ଏବଂ ସମୟାନୁବର୍ତୀତା ଭିତରେ ପ୍ରତ୍ୟକ୍ଷ ସଂଯୋଗ ରହିଛି ବୋଲି ସେ କହିଛନ୍ତି । ୨୦୧୯ ଅଗଷ୍ଟରେ ଗୋଏୟାରର ୩୨୦ ଦୈନିକ ବିମାନରେ ୧୩.୯୧ ଲକ୍ଷ ଯାତ୍ରୀ ବିମାନ ସେବା ହାସଲ କରିଛନ୍ତି । ଗୋଏୟାର ପକ୍ଷରୁ ଅହମ୍ମଦାବାଦ, ବଗଡୋଗରା, ବେଙ୍ଗାଲୁରୁ, ଭୁବନେଶ୍ୱର, ଚଣ୍ଡିଗଡ଼, ଚେନ୍ନାଇ, ଦିଲ୍ଲୀ, ଗୋଆ, ଗୌହାଟି, ହାଇଦ୍ରାବାଦ, ଜୟପୁର, ଜମ୍ମୁ, କୋଚି, କୋଲକାତା, କନ୍ନୁର, ହେ, ଲକ୍ଷ୍ନୌ, ମୁମ୍ବାଇ, ନାଗପୁର, ପାଟନା, ପୋର୍ଟବ୍ଲେୟାର, ପୁନେ, ରାଂଚି ଓ ଶ୍ରୀନଗର ଭଳି ୨୪ଟି ଘରୋଇ ସ୍ଥାନକୁ ବିମାନ ସେବା ପ୍ରଦାନ କରାଯାଉଥିବା ବେଳେ ଫୁକେଟ୍, ମାଲେ, ମସ୍କାଟ, ଆବୁଧାବି, ଦୁବାଇ, ବ୍ୟାଙ୍କକ୍ ଏବଂ କୁଏତ୍ ଭଳି ଆନ୍ତର୍ଜାତିକ ସ୍ଥାନକୁ ଗୋଏୟାର ବିମାନ ଉଡୁଛି ଓ ଖୁବ୍‌ଶୀଘ୍ର ଏହା ସିଙ୍ଗାପୁରକୁ ଉଡ଼ାଣ ଆରମ୍ଭ କରିବ ।

ହିଣ୍ଡାଲ୍‌କୋ ପକ୍ଷରୁ ହିରାକୁଦର ବିଦ୍ୟାଳୟରେ ଖୋଲାଯିବ ବିଜ୍ଞାନ ପରୀକ୍ଷାଗାର

ଭୁବନେଶ୍ୱର(ପିଏନ): ଛାତ୍ରଛାତ୍ରୀମାନଙ୍କ ଶିକ୍ଷା ଆବଶ୍ୟକତା ପୂରଣ କରିବା ଲକ୍ଷ୍ୟ ନେଇ ଆଦିତ୍ୟ ବିର୍ଲା ଗ୍ରୁପ୍ କଂପାନି ହିଣ୍ଡାଲ୍‌କୋ ତରଫରୁ ଗତକାଲି ଆୟୋଜିତ ଏକ ସ୍ୱତନ୍ତ୍ର ପୁସ୍ତକ ବିତରଣ କାର୍ଯ୍ୟକ୍ରମରେ ପ୍ରବଳ ଉତ୍ସାହର ସହିତ ହିରାକୁଦର ପାଂଚଟି ଉଚ୍ଚ ବିଦ୍ୟାଳୟକୁ ଆବଶ୍ୟକ ସଂଖ୍ୟକ ପାଠାଗାର ପୁସ୍ତକ ପ୍ରଦାନ କରାଯାଇଛି ଓ ଖୁବ୍‌ଶୀଘ୍ର ବିଦ୍ୟାଳୟରେ କ୍ଷୁଦ୍ର ବିଜ୍ଞାନ ପାଠାଗାର ଖୋଲାଯିବ ବୋଲି ଘୋଷଣା କରାଯାଇଛି । ଏହି ଉତ୍ସବରେ ଅଭିଭାଷଣ ପ୍ରଦାନ କରି ଶ୍ରୀଯୁକ୍ତ ରାଜେଶ ଗୁପ୍ତା, ସମ୍ବଲପୁର କ୍ଲଷ୍ଟର ମୁଖ୍ୟ, ହିଣ୍ଡାଲ୍‌କୋ କହିଛନ୍ତି ଯେ, "ଶିକ୍ଷା ହେଉଛି ଏକ ପ୍ରମୁଖ କ୍ଷେତ୍ର ଯାହା ଉପରେ ହିଣ୍ଡାଲ୍‌କୋ ଗୁରୁତ୍ୱ ଦେଉଛି ଏହି ଅଭିଯାନର ଲକ୍ଷ୍ୟ ହେଉଛି ବିଦ୍ୟାଳୟର ପାଠାଗାରକୁ ସୁଦୃଢ଼ କରିବା ଯଦ୍ୱାରା ଛାତ୍ରଛାତ୍ରୀମାନେ ସେମାନଙ୍କ ଶିକ୍ଷା ବିକାଶର ଶ୍ରେଷ୍ଠ ଉପଯୋଗ କରିପାରିବେ । ଛାତ୍ରଛାତ୍ରୀମାନଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବା ପାଇଁ ଆମେ ସବୁ ବେଳେ ପ୍ରସ୍ତୁତ ବୋଲି କହିବା ସହ ସେ ଘୋଷଣା କରାଯାଇଛି ଯେ ଖୁବ୍‌ଶୀଘ୍ର ହିଣ୍ଡାଲ୍‌କୋର ତିନିଟି ଉଚ୍ଚ ବିଦ୍ୟାଳୟରେ କ୍ଷୁଦ୍ର ବିଜ୍ଞାନ ପରୀକ୍ଷାଗାର ସ୍ଥାପନ କରାଯିବ ବୋଲି ସେ ସୂଚନା ଦେଇଛନ୍ତି ।

ଶ୍ରୀଯୁକ୍ତ ଗୁପ୍ତା କହିଛନ୍ତି ଯେ,"ଏହି ଅଂଚଳର ପିଲାମାନଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବା ଲାଗି ଆମେ ଛାତ୍ରଛାତ୍ରୀଙ୍କୁ ମୌଳିକ ସୁବିଧା ସୁଯୋଗ ପ୍ରଦାନ କରିବାକୁ ନିଶ୍ଚିତ କରୁଛୁ । ଏହି ପ୍ରକ୍ରିୟାରେ ବିଦ୍ୟାଳୟଗୁଡ଼ିକର ଭିତିଭୂମି ବିକାଶ ବାଦ ହିଣ୍ଡାଲ୍‌କୋ ପକ୍ଷରୁ ପାଠାଗାର, ପୁସ୍ତକ, ଡେସ୍କ-ବେଂଚ୍, ସ୍କୁଲ ବ୍ୟାଗ୍, ପାଠ୍ୟ ଉପକରଣ ଏବଂ ବିଜ୍ଞାନ ପାଠାଗାର ଇତ୍ୟାଦି ମୌଳିକ ଆବଶ୍ୟକତାକୁ ଉପଲବ୍ଧ କରାଇବା ଉପରେ ଗୁରୁତ୍ୱ ପ୍ରଦାନ କରୁଛି । ଆମେ ଆଖପାଖ ବିଦ୍ୟାଳୟଗୁଡ଼ିକୁ ଡେସ୍କ-ବେଂଚ୍ ଯୋଗାଇ ଦେଉଛୁ ଯଦ୍ୱାରା ଉଚ୍ଚ ବିଦ୍ୟାଳୟ ସ୍ତରର କୌଣସି ଛାତ୍ରଛାତ୍ରୀ ସ୍କୁଲରେ ତଳେ ବସିବେ ନାହିଁ । ଏହା ବ୍ୟତୀତ, ଗ୍ରାମୀଣ ପ୍ରାଥମିକ ବିଦ୍ୟାଳୟରେ ମଧ୍ୟ ଆମେ ସ୍କୁଲ ବ୍ୟାଗ୍ ବଂଟନ କରିଛୁ ଯଦ୍ୱାରା ସବୁ ସ୍କୁଲ ପିଲା ଏକାଭଳି ବ୍ୟାଗ୍ ବ୍ୟବହାର କରିବେ ଏବଂ ଅଧିକରୁ ଅଧିକ ପିଲା ସ୍କୁଲ ପ୍ରତି ଆକର୍ଷିତ ହେବେ ବୋଲି ଶ୍ରୀ ଗୁପ୍ତା କହିଛନ୍ତି ।ଏହି ଅବସରରେ ଅଭିଭାଷଣ ପ୍ରଦାନ କରି ଶ୍ରୀଯୁକ୍ତ ସୁବୋଧ କୁମାର ଦାଶ , ଜିଲ୍ଲା ଶିକ୍ଷା ଅଧିକାରୀ, ସମ୍ବଲପୁର କଂପାନିର ଏହି ଅଭିଯାନକୁ ପ୍ରଶଂସା କରିଛନ୍ତି ଏବଂ କହିଛନ୍ତି ଯେ ସ୍କୁଲ ଏବଂ ଏହାର ଛାତ୍ରଛାତ୍ରୀଙ୍କ ବିକାଶ ପାଇଁ ହିଣ୍ଡାଲ୍‌କୋ ପ୍ରତ୍ୟକ୍ଷ ପଦକ୍ଷେପ ଗ୍ରହଣ କରୁଛି ଏବଂ ଏହାର ଶ୍ରେଷ୍ଠ ଉପଯୋଗ କରିବା ଲାଗି ସେ ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଆହ୍ୱାନ ଦେଇଛନ୍ତି ।ଅନ୍ୟମାନଙ୍କ ମଧ୍ୟରେ ଶ୍ରୀଯୁକ୍ତ ଏ ସତ୍ୟନାରାୟଣ, କ୍ଲଷ୍ଟର ମୁଖ୍ୟ, ଲାଏଜନ୍ ଆଣ୍ଡ୍ ସିଏସଆର୍, ହିଣ୍ଡାଲ୍‌କୋ, ଶ୍ରୀଯୁକ୍ତ ଜଗଦିଶ ମିଶ୍ର, ସିଏସ୍‌ଆର୍ ମୁଖ୍ୟ, ହିରାକୁଦ କମ୍ପ୍ଲେକ୍ସ ହିଣ୍ଡାଲକୋ, ପ୍ରଧାନ ଶିକ୍ଷକ, ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ଉଚ୍ଚ ବିଦ୍ୟାଳୟର ପ୍ରତିନିଧିମାନେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

ମଦମୁକ୍ତି ଯୁବବାହିନୀ ପକ୍ଷରୁ ଯୁବ ସମ୍ବାଦ ଆୟୋଜିତ

ଭୁବନେଶ୍ୱର, (ପିଏନ୍) : ମଦମୁକ୍ତି ଯୁବବାହିନୀ ପକ୍ଷରୁ ଓଡିଶାରୁ ମଦ ହଟାଯିବା ଲକ୍ଷ୍ୟ ନେଇ ଭୁବନେଶ୍ୱରରେ ଏକ ରାଜ୍ୟସ୍ତରୀୟ ଯୁବଗୋଷ୍ଠୀ ଆଲୋଚନା ଚକ୍ର ଯୁବସମ୍ବାଦ ଆୟୋଜନ ହୋଇଯାଇଛି । ସଙ୍ଗଠନର ୫୦୦ରୁ ଉର୍ଦ୍ଧ୍ୱ କାର୍ଯ୍ୟକର୍ତା ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଯୋଗଦେଇ ମଦର ଭୟାଭୟତା ଏବଂ ଓଡିଶାରୁ ସମ୍ପୂର୍ଣ୍ଣ ନିଷେଧ ନିମନ୍ତେ ଆଲୋଚନା କରିଥିଲେ । କାର୍ଯ୍ୟକ୍ରମର ଶୁଭାରମ୍ଭ ପ୍ରଦୀପ ପଜ୍ଜ୍ୱଳନ ମାଧ୍ୟମରେ ମିଳିତ ଓଡିଶା ନିଶା ନିବାରଣ ଅଭିଯାନର ସଭାପତି ଶ୍ରୀଯୁକ୍ତ ପଦ୍ମଚରଣ ନାୟକ କରିଥିଲେ ।

ମଦ ବିରୁଦ୍ଧରେ ଯୁବସମାଜକୁ ଏକଜୁଟ କରିବା ଏବଂ ଆଗାମୀ କାର୍ଯ୍ୟପନ୍ଥା ସ୍ଥିର ନିମନ୍ତେ, ଏହି ଯୁବସମ୍ବାଦ କାର୍ଯ୍ୟକ୍ରମ ମୁଖ୍ୟତଃ ଆୟୋଜନ କରାଯାଇଥିଲା । ଏହି ଅବସରରେ ସୂଚନା ଦେଇ ଶ୍ରୀଯୁକ୍ତ ସତ୍ୟବ୍ରତ ପୁଷ୍ଟି ଆବାହକ ମଦମୁକ୍ତି ଯୁବବାହିନୀ କହିଛନ୍ତି ଯେ, "ମଦ ଦ୍ୱାରା ଓଡିଶାରେ ହଜାର ହଜାର ଗାଁ ଏବଂ ଲକ୍ଷ ଲକ୍ଷ ପରିବାର ଉଜୁଡି ଯାଉଛନ୍ତି । ସରକାରଙ୍କ ଯୁକ୍ତି ଯେ ଏଥିରୁ ରାଜସ୍ୱ ଆସୁଛି, ସମ୍ପୂର୍ଣ୍ଣ ମିଥ୍ୟା । ଯେବେକି ବିଭିନ୍ନ ରିପୋର୍ଟ ଅନୁଯାଇ ମଦ ଯୋଗୁ ହେଉଥିବା କ୍ଷତି ଏହା ଠାରୁ ଢେର ଗୁଣରେ ଅଧିକ । ଏକ ଜନମଙ୍ଗଳକାରୀ ସରକାର ଲୋକ ମାନଙ୍କ ସୁବିଧା ପାଇଁ ଶୀତଳ ଭଣ୍ଡାର, ଜଳ ସେଚନ ବ୍ୟବସ୍ଥା ଆଦି କରିବା ପରିବର୍ତେ ମଦର ପ୍ରସାରରେ ଲାଗିଛନ୍ତି ଯାହା ଅତ୍ୟନ୍ତ ଲଜ୍ଜା ଜନକ ।"

ସେ ଆହୁରୀ କହିଛନ୍ତି ଆଜିର ଏହି ଯୁବସମ୍ବାଦ କାର୍ଯ୍ୟକ୍ରମ ମାଧ୍ୟମରେ ଆମେ ସରକାରଙ୍କର ଏହି ଚକ୍ରାନ୍ତକୁ ଯୁବସାଥିଙ୍କ ମାଧ୍ୟମରେ ପ୍ରତ୍ୟେକ ଗାଁ ଗାଁରେ ପହଁଚାଇବୁ ଏବଂ ଯୁବକ ମାନଙ୍କ ନେତୃତ୍ୱରେ ଓଡିଶାରେ ମଦ ବିରୋଧି ଆନ୍ଦୋଳନକୁ ଆହୁରୀ ତୀବ୍ର କରାଯିବ ।

ଏହି ଅବସରରେ ମଦମୁକ୍ତ ଯୁବବାହାନି ପକ୍ଷରୁ ଶ୍ରୀଯୁକ୍ତି ତାରାକାନ୍ତ ନାୟକ, ଲଲାଟେନ୍ଦୁ ପାତ୍ର, ପୁଷ୍ପଲତା ଜେନା, ଇନ୍ଦୁମତୀ ସାହୁ, କାଂଚନବାଳା ଯତି, ବନ୍ଦିତା ଅପା, ରାଜେଶ କୁମାର ଦେଓ, ସମାଷ ଷଡଙ୍ଗୀ, ପ୍ରିତୀ ନାୟକ, ହରିଶଙ୍କର ପାଣିଗ୍ରାହି, ଅଭିଜିତ ପାତ୍ର, ମଳୟ ତ୍ରିପାଠୀ, କାହ୍ନୁଚରଣ ଲେଙ୍କା ପ୍ରମୁଖ ଯୋଗ ଦେଇଥିଲେ ।

ମଧୁମେହ ରୋଗୀଙ୍କ କ୍ଷେତ୍ରରେ ହୃଦ୍‌ଘାତ ଆଶଙ୍କା ପାଇଁ ଟାଟା ସ୍କାଏରେ ଡାକ୍ତର ଆର୍.ଆର୍. କାସଲିୱାଲଙ୍କ ଫ୍ୟାମିଲ୍ ହେଲଥ୍ କାର୍ଯ୍ୟକ୍ରମ

ଭୁବନେଶ୍ୱର (ପିଏନ)-:ଅଗ୍ରଣୀ ଡିଟିଏର୍ କମ୍ପାନି ଟାଟା ସ୍କାଏ ପକ୍ଷରୁ ଏହାର ଗ୍ରାହକଙ୍କୁ ମାନସିକ ଚାପ ମୁକ୍ତ ତଥା ସୁସ୍ଥ ରଖିବା ପାଇଁ ଡାକ୍ତର ଆର୍.ଆର୍. କାସଲିୱାଲଙ୍କ ଫ୍ୟାମିଲ୍ ହେଲଥ୍ କାର୍ଯ୍ୟକ୍ରମ ପ୍ରସାରଣ ପାଇଁ ଯୋଜନା କରାଯାଇଛି । ଏହି କାର୍ଯ୍ୟକ୍ରମରେ ମଧୁମେହ ରୋଗୀଙ୍କ କ୍ଷେତ୍ରରେ ହୃଦ୍‌ଘାତ ଆଶଙ୍କା ସମ୍ପର୍କରେ ପ୍ରସାରଣ କରାଯିବ । ଏହା ଦ୍ୱାରା ଗ୍ରାହକ ବିଶେଷ ଉପକୃତ ହୋଇପାରିବେ । ୨୦୧୮ ରିପୋର୍ଟ ଅନୁସାରେ ଭାରତରେ ୭୦ ନିୟୁତ ମଧୁମେହ ରୋଗୀ ଅଛନ୍ତି । ତେବେ ମଧୁମେହ ରୋଗୀଙ୍କ କ୍ଷେତ୍ରରେ ହୃଦ୍‌ଘାତ ଆଶଙ୍କା ଅଧିକ ରହିଥାଏ । ଏହାକୁ ଦୃଷ୍ଟିରେ ରଖି ସେପ୍ଟେମ୍ବର ୨୯ରେ ବିଶ୍ୱ ହୃଦୟ ଦିବସ ଉପଲକ୍ଷେ ଟାଟା ସ୍କାଏ ଫ୍ୟାମିଲି ହେଲଥ୍ କାର୍ଯ୍ୟକ୍ରମ ପ୍ରସାରିତ ହେବ । ଏଥିରେ ମେଦାନ୍ତ-ଦି ମେଡ଼ିସିଟିର ଅଧ୍ୟକ୍ଷ ତଥା କ୍ଲିନିକାଲ୍ ଏବଂ ପ୍ରିଭେଂଟିଭ୍ କାର୍ଡିଓଲୋଜିଷ୍ଟ ଡାକ୍ତର ଆର୍.ଆର୍. କାସଲିୱାଲ ହୋଷ୍ଟ ଭାବେ ଯୋଗଦେବେ ।

ଏହି ଅବସରରେ ଟାଟା ସ୍କାଏ ଫ୍ୟାମିଲି ହେଲଥ୍ ପକ୍ଷରୁ ମେଦାନ୍ତ ଦି ମେଡିସିଟିର ଅଧ୍ୟକ୍ଷ ତଥା କ୍ଲିନିକାଲ୍ ଏବଂ ପ୍ରିଭେଂଟିଭ୍ କାର୍ଡିଓଲୋଜିଷ୍ଟ ଡାକ୍ତର ଆର୍.ଆର୍. କାସଲିୱାଲ କହିଲେ," ସଚେତନତା ଦ୍ୱାରା ମାନସିକ ଚାପ ଓ ଚିନ୍ତା ମୁକ୍ତ ଜୀବନଶୈଳୀକୁ ତ୍ୱରାନ୍ୱିତ କରାଯାଇପାରିବ । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ବିଭିନ୍ନ ହେଲଥ୍ ଟିପ୍ସ୍ ଦର୍ଶକଙ୍କ ମଧ୍ୟରେ ଶେୟାର କରିବାର ପ୍ରୟାସ କରାଯିବ । ମାନସିକ ଶାନ୍ତି ସହିତ ମନ ଓ ଶରୀର ମଧ୍ୟରେ ସମନ୍ୱୟ ସ୍ଥାପନ ପାଇଁ ପ୍ରୟାସ କରାଯିବ । ମଧୁମେହ ରୋଗୀଙ୍କ ମଧ୍ୟରୁ ୫-୬ ପ୍ରତିଶତରୁ ଅଧିକଙ୍କ କ୍ଷେତ୍ରରେ ହୃଦ୍‌ଘାତ ସମସ୍ୟା ଦେଖାଦେଇଥାଏ । ପୁରୁଷଙ୍କ କ୍ଷେତ୍ରରେ ୨୦ ବର୍ଷ ପରେ ଏବଂ ମହିଳାଙ୍କ କ୍ଷେତ୍ରରେ ୨୫ ବର୍ଷ ପରେ ପ୍ରାୟତଃ ମଧୁମେହ ସମସ୍ୟା ଦେଖାଦେଇଥାଏ । ଫଳରେ ୫୫-୬୦ ବର୍ଷ ମଧ୍ୟରେ ଏଭଳି ରୋଗୀଙ୍କ କ୍ଷେତ୍ରରେ ହୃଦ୍‌ଘାତ ଆଶଙ୍କା ବଢ଼ିଯାଇଥାଏ । କିଶୋର କିଶୋରୀମାନେ ଅଧିକ ଫାଷ୍ଟଫୁଡ୍ ପ୍ରତି ଆକୃଷ୍ଟ ହୋଇଥାନ୍ତି । ସେମାନେ ଅଧିକ ସମୟ ମୋବାଇଲ୍ ଫୋନ୍, ଲ୍ୟାପ୍‌ଟପ୍ ଆଦିରେ ସମୟ ବିତାଇଥାନ୍ତି । ଏହାଯୋଗୁ ସେମାନଙ୍କ ଉପରେ ନକାରାତ୍ମକ ପ୍ରଭାବ ପଡ଼ିଥାଏ । ସେମାନେ ନିଜର ଜୀବନଶୈଳୀରେ ପରିବର୍ତନ ଆଣିବା ସହିତ ନିୟମିତ ବ୍ୟାୟାମ ଏବଂ ଉପଯୋଗୀ ଡାଏଟ୍ ଖାଇଲେ ସେମାନଙ୍କ କ୍ଷେତ୍ରରେ ମଧୁମେହ ଆଶଙ୍କା କମିବା ସହିତ ସେମାନେ ହୃଦ୍‌ଘାତରୁ ଦୂରେଇ ରହିପାରିବେ । ଆରଟେରି ଫ୍ଲେକ୍ସ ସମସ୍ୟା ଥିବା ବ୍ୟକ୍ତି ବିଶେଷ ଉଚ୍ଚ ରକ୍ତଚାପ, ସିଗାରେଟ୍ ଟାଣିବା, ଏଲଡିଏଲ କୋଲେଷ୍ଟରଲ ସ୍ତର, ଅସ୍ୱାସ୍ଥ୍ୟକର ଡାଏଟ୍ ଠାରୁ ଦୂରେଇ ରହିବା ଆବଶ୍ୟକ । ଏହା ସହିତ ମାନସିକ ଚାପ ତଥା ବିସାଦଗ୍ରସ୍ତ ଯୋଗୁ ମଧ୍ୟ ହୃଦ୍‌ଘାତ ସମସ୍ୟା ବଢ଼ିଥାଏ । ଏସବୁ ପ୍ରତି ସଚେତନ ରହବା ସହିତ ଜୀବନଶୈଳୀରେ କେତେକ ପରିବର୍ତନ ଆଣି ପାରିଲେ ହୃଦ୍‌ଘାତ ଆଶଙ୍କା ସହଜରେ ଦୂର ହୋଇ ପାରିଥାଏ ।"

ଅନ୍ତୋଦୟ ପକ୍ଷରୁ ବୈଦ୍ୟମାନଙ୍କ ତାଲିମ ଆୟୋଜିତ

ଜୁନାଗଡ,(ପିଏନ)-ଅନ୍ତୋଦୟ ଅନୁଷ୍ଠାନ ପକ୍ଷରୁ ଅଶ୍ୱିନୀ କୁମାର ବୈଦ୍ୟସଂଘଙ୍କ ସହଯୋଗ କ୍ରମେ କଳାହାଣ୍ଡି ଜିଲ୍ଲା ଜୁନାଗଡ ବ୍ଲକର ଜାରିଙ୍ଗ ଜଙ୍ଗଲ ବିଭାଗ କେନ୍ଦ୍ର ନର୍ସରୀ ନିକଟସ୍ଥ ପ୍ରାଙ୍ଗଣରେ ଶନିବାର (୨୧/୯/୨୦୧୯) ଦିନ ବୈଦ୍ୟମାନଙ୍କର ଏକ ତାଲିମ ଶିବିର ଆୟୋଜିତ ହୋଇଯାଇଛି । ସମାଜରେ ଶିଶୁ ଓ ମାତୃ ମୃତ୍ୟୁହାର କମାଇବା, ଶିଶୁ, ଗର୍ଭବତୀ ମା, ପ୍ରସୂତି ମାଁ ଓ କିଶୋରୀ ବାଳିକା ମାନଙ୍କ ସ୍ୱାସ୍ଥ୍ୟ ସମସ୍ୟା ଦିଗରେ ବୈଦ୍ୟମାନଙ୍କର ଭୂମିକା ସମ୍ପର୍କରେ ଆୟୋଜିତ ଉକ୍ତ ତାଲିମ ଶିବିର ରେ ଜୁନାଗଡ ବ୍ଲକ ତଥା ଆଖପାଖ ବ୍ଲକର ପାରମ୍ପରିକ ଚିକିତ୍ସକ ଯୋଗଦେଇ ତାଲିମ ଗ୍ରହଣ କରିଥିଲେ । ୟୁନିସେଫ ସହାୟତାରେ ଅନ୍ତ